# ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ



**ବେଲଗୁଣ୍ଠା,୨୩।୫(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ ଗ୍ରାମର ଦଣ୍ଡନାଚ ନିର୍ଦ୍ଦେଶକ ତଥା କେଶରାପଲ୍ଲୀ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ବିଷୋୟୀଙ୍କର ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ। ଗୁରୁବାର ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଅଭିମନ୍ୟୁ, ସୀମାଞ୍ଚଳ, ଅନ୍ତର୍ଯ୍ୟାମୀ, ବୋହୂ, ନାତିନାତୁଣିଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ଘନଶ୍ୟାମ ଜଣେ ଉଚ୍ଚ କୋଟିର କଳାକାର ଏବଂ ଦକ୍ଷ ଦଣ୍ଡନାଚ ନିର୍ଦ୍ଦେଶକ ଭାବରେ ଗଞ୍ଜାମ ଜିଲ୍ଲାରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଏହା ସହିତ ସେ ଜଣେ ଧର୍ମପରାୟଣ ଏବଂ ପରୋପକାରୀ ବ୍ୟକ୍ତିଭାବେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ସ୍ୱାଇଁ, ଭଞ୍ଜକିଶୋର ଗୌଡ, ବଂଶୀଧର ଗୌଡ଼, ବାଳକୃଷ୍ଣ ସାବତ, ଲଡ୍ଡୁ କିଶୋର ବିଷୋୟୀ, ଗୋପୀନାଥ ସ୍ୱାଇଁ, କାର୍ତ୍ତିକେଶ୍ୱର ସାହୁ, ଯୁଗଳ ପ୍ରଧାନ, ଗୋବିନ୍ଦ ଗୌଡ଼ଙ୍କ ସମେତ ଶତାଧିକ ବ୍ୟକ୍ତି ତାଙ୍କର ଅନ୍ତିମ ଶୋଭାଯାତ୍ରାରେ ଯୋଗଦେଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ଇଟା ଫ୍ୟାକ୍ଟ୍ରିରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର; ହତ୍ୟା ସନ୍ଦେହ

**ଦିଗପହଣ୍ଡି,୨୩।୫(ସମିସ)**

ଦିଗପହଣ୍ଡି ବ୍ଲକ କୁଶପଡା-ପତାଣ୍ଡ ଗାଁ ଛକ ନିକଟରେ ଥିବା ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ପଛପଟ ଏକ କୋଠରୀରୁ ଗୁରୁବାର ସକାଳୁ ଜଣେ ଅପରିଚିତ ମହିଳାଙ୍କ ଗଳିତ ଶବକୁ ଦିଗପହଣ୍ଡି ପୁଲିସ ଉଦ୍ଧାର କରିଥିବା ଜଣାପଡିଛି। ଦିଗପହଣ୍ଡି ଥାନା ଆଇଆଇସି ବାବା ଶଙ୍କର ସରାଫ, ଦିଗପହଣ୍ଡି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଅନୀତା ସାହୁ, ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରି ଫେରିଛନ୍ତି। ମହିଳାଙ୍କ ପରିଚୟ ମିଳିପାରିନାହିଁ। ଅପରପକ୍ଷରେ ଗତ କିଛିଦିନ ହେଲା କୁଶପଡ଼ା ଗ୍ରାମ ଦଳିତ ସାହିର ଜଣେ ଯୁବକଙ୍କ ସହ ଅନ୍ୟ କେଉଁ ଅଞ୍ଚଳର ପ୍ରାୟ ୪୫ବର୍ଷୀୟା ଅପରିଚିତ ମହିଳା ଜଣକ ରହି ଆସୁଥିଲେ। ଗତ ପ୍ରାୟ ୭ଦିନ ପୂର୍ବେ



ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ତା ପରଠାରୁ ମହିଳା ଜଣକ ଆକସ୍ମିକ ଭାବେ ଗାଁରୁ ନିଖୋଜ ହୋଇ ଯାଇଥିଲେ। ଶବଟି ଉକ୍ତ ମହିଳାଙ୍କର ବୋଲି ଗାଁରେ ଚର୍ଚ୍ଚା ଚାଲିଛି। ଯୁବକ ଜଣକ ମଧ ଗାଁରୁ ଫେରାର ଥିବା ଜଣାପଡିଛି। ଉକ୍ତ କୋଠରୀରେ ମହିଳାଙ୍କ ଶବ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡ଼ି ରହିଥିବା ବେଳେ ତାଙ୍କୁ ଦୁଷ୍କର୍ମ ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ଇଟା ଫ୍ୟାକ୍ଟ୍ରି କିଛିଦିନ ହେଲା ବନ୍ଦ ରହିଛି। ଗୁରୁବାର ସକାଳ ସମୟରେ ଇଟା ଫ୍ୟାକ୍ଟ୍ରିର ଜଣେ କର୍ମଚାରୀ ପାଣି ମଟର ଲଗାଇବା ପାଇଁ ଉକ୍ତ କୋଠରୀ ନିକଟକୁ ଯାଇଥିବା ବେଳେ ଦୁର୍ଗନ୍ଧ ହୋଇଥିଲା। ପରେ ସେ ଘର ଭିତରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପ୍ରଚାରିତ ପରେ ଆଖପାଖ ଗ୍ରାମର ଲୋକଙ୍କ ଭିଡ ଜମିଥିବା ବେଳେ ପୁଲିସ ମଧ ପହଞ୍ଚି ଘଟଣାର ଅନୁଧାନ କରିଥିଲା। ଏପରିକି ମହିଳାଙ୍କ ଶବ ସମ୍ପୂର୍ଣ୍ଣ ପଚି ଯାଇଥିବାରୁ ତାଙ୍କୁ ଚିହ୍ନଟ କରାଯିବା ସମ୍ଭବପର ହୋଇପାରିନାହିଁ। ମହିଳାଙ୍କୁ ହତ୍ୟା କରାଯାଇଥିବା ପୁଲିସ ଅନୁମାନ କରୁଛି। ମହିଳା ଜଣକ କିଏ, ସେ ନିକଟସ୍ଥ ଅଞ୍ଚଳର ନା ଅନ୍ୟ କେଉଁ ଅଞ୍ଚଳର, ତାଙ୍କୁ କିଏ କାହିଁକି ହତ୍ୟା କରିଛି ସେନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ମହିଳାଙ୍କୁ ଚିହ୍ନଟ କରିବା ପୁଲିସ ପକ୍ଷେ କଷ୍ଟସାଧ ହୋଇପଡିଛି । ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ନଂ. ୬/୨୪ ପ୍ରକାରେ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଆଇଆଇସି ସୂଚନା ଦେଇଛନ୍ତି।

# ଲାଠିରେ ୨୪ ପ୍ରହର ନାମଯଜ୍ଞ



**ବ୍ରହ୍ମପୁର,୨୩।୫(ସମିସ):** ବ୍ରହ୍ମପୁର ସହର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ଦାସ ସାହିରେ ପଞ୍ଚବାର୍ଷିକ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫ ସଂକୀର୍ତ୍ତନ ଦଳ ଯୋଗଦେଇ ହରେକୃଷ୍ଣ ନାମ ଗାୟନ କରିଥିଲେ। ପୂଜକ ଏଲ. ବସନ୍ତ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ବିରେଇ ଦାସ, ପାଣ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କବିର ଦାସ, ମୁରଲୀ ଦାସ, ଈଶ୍ୱର ଦାସ, ଦାମୋଦର ଦାସ, ଶିଶିର ଦାସଙ୍କ ସମେତ ଯୁବଗୋଷ୍ଠୀଙ୍କ ମଧ୍ୟରୁ ଧନୁ ଦାସ, ପପୁ ଦାସ, ଗୋବିନ୍ଦ ଦାସ, ମହେଶ୍ୱର ଦାସ, ସୁନୀଲ ଦାସ, ଶରତ ଦାସ ପ୍ରମୁଖ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସାହି ବାସିନ୍ଦାଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପଞ୍ଚବାର୍ଷିକ ଏହି ନାମଯଜ୍ଞ ଗ୍ରାମବାସୀ ତଥା ସାହିବାସିନ୍ଦାଙ୍କ ମଙ୍ଗଳ ଲାଗି କରାଯାଉଛି ବୋଲି ବିରେଇ ଦାସ ଓ ଶିଶିର ଦାସ କହିଛନ୍ତି।

# ମାଳତୀରେ ଐତିହାସିକ ଗୋଷ୍ଠ ଶୀତଳ ଉତ୍ସବ

**ବେଲଗୁଣ୍ଠା,୨୩।୫(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ମାଳତୀ ଗ୍ରାମରେ ଗୋଲା ସମ୍ପ୍ରଦାୟର ଐତିହାସିକ ତଥା ପାରମ୍ପରିକ ପର୍ବ ଗୋଷ୍ଠ ଶୀତଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତିରେ ରୀତିନୀତି ମୁତାବକ ସମ୍ପ୍ରଦାୟ ପକ୍ଷରୁ ଗ୍ରାମର ଆରାଧ୍ୟା ମାଆ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଆରମ୍ଭ ହେବା ସହିତ ବୁଧବାର ଏହି କାର୍ଯ୍ୟକ୍ରମ ସମାପ୍ତ ହେବା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ମାଆ ଠାକୁରାଣୀଙ୍କ ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହେବା ସହିତ ଗ୍ରାମବାସୀ ନିଜ ଗୃହପାଳିତ ଛେଳି ମେଣ୍ଢା ଗୋଠର ସୁରକ୍ଷା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୋଷ୍ଠ ଶୀତଳ ଉତ୍ସବ ସ୍ଥାନୀୟ ଗୋଲା ସମ୍ପ୍ରଦାୟର ପାରମ୍ପରିକ ବାର୍ଷିକ ଉତ୍ସବ ହୋଇଥିବା ବେଳେ ପ୍ରତିବର୍ଷ ଏହା ବୈଶାଖ ମାସ ଶୁକ୍ଳ ପକ୍ଷ



କୌଣସି ଏକ ମଙ୍ଗଳବାର ଅନୁଷ୍ଠିତ ହୋଇଥାଏ। ଏହି ପର୍ବରେ ଗ୍ରାମବାସୀ ନିଜ ନିଜର ଗୃହପାଳିତ ଛେଳି ମେଣ୍ଢାଙ୍କ ସ୍ୱାସ୍ଥ୍ୟ ରକ୍ଷା ତଥା ଫାଟୁଆ ଏବଂ ଅନ୍ୟ ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ମାଆ ଠାକୁରାଣୀଙ୍କ ନିକଟରେ ପୂଜା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଚଳିତବର୍ଷ ଉତ୍ସବରେ ମାଳତୀ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ନିକଟସ୍ଥ ମୁନିଗାଡ଼ି, କେଶରାପଲ୍ଲୀ, ଗାଙ୍ଗପୁର, ସାନ ସାଦରା ଆଦି ଅଞ୍ଚଳରୁ ପ୍ରବଳ ଜନ ସମାଗମ ହୋଇଥିଲା।

# ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ଚାଲିଛି ହାତୀ ଗଣନା

**ଭଞ୍ଜନଗର,୨୩।୫(ସମିସ):** ସାରା ରାଜ୍ୟରେ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ବି ଗଣନା କରାଯାଉଛି। ଏଥିପାଇଁ ଉଭୟ ବନଖଣ୍ଡରେ ୭୯ୟୁନିଟ ଗଠିତ ହୋଇଥିବା ବେଳେ ୭୭ଟି ମଞ୍ଚା ତିଆରି ହୋଇଛି। ଏହି ଗଣନା ତିନିଦିନ ପର୍ଯ୍ୟନ୍ତ ଚାଲିବ। ବନଖଣ୍ଡରେ ଏସମ୍ପର୍କରେ ପୂର୍ବରୁ ପ୍ରସ୍ତୁତି ବୈଠକ ହେବା ସହ କର୍ମଚାରୀଙ୍କୁ ତାଲିମ ମଧ ଦିଆଯାଇଛି। ଏଥିପାଇଁ ବନଖଣ୍ଡର ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ରୁ ୪ଜଣ କର୍ମଚାରୀଙ୍କୁ ନେଇ ଗୋଟିଏ ଲେଖାଏଁ ୟୁନିଟ୍ ପ୍ରସ୍ତୁତ କରାଯାଇଛି। ଯେଉଁମାନେ ଜଙ୍ଗଲରେ ବୁଲିବା ସହ ମଞ୍ଚାରେ ରହି ହାତୀ ଗଣନା କରି ପାରିବେ। ଉତ୍ତର ଘୁମୁସର ବନଖଣ୍ଡରେ ୬୪ୟୁନିଟ ଓ ୬୨ଟି ମଞ୍ଚା ନିର୍ମାଣ କରାଯାଇଥିବା



ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ସେହିପରି ଦକ୍ଷିଣ ଘୁମୁସର ବଳଖଣ୍ଡରେ ୧୫ ୟୁନିଟ ଓ ୧୫ଟି ମଞ୍ଚା ନିର୍ମାଣ କରାଯାଇଥିବା ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ କଇଁଛ ଦିବସ ପାଳିତ



**ଗଞ୍ଜାମ,୨୩।୫(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମରେ ଆନ୍ତର୍ଜାତୀୟ କଇଁଛ ଦିବସ ପାଳିତ ହୋଇଯାଇଛି। ଏସିଏଫ ଦିବ୍ୟ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସାମୁଦ୍ରିକ କଇଁଛ ମାନଙ୍କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ସମୁଦ୍ର ଜଳ ପଥରେ ଗଞ୍ଜାମ ବ୍ଲକର ଋଷିକୁଲ୍ୟା ମୁହାଁଣକୁ ଅନୁକୂଳ ପରିବେଶ ଯୋଗୁଁ ଅଲିଭ ରିଡଲେ କଇଁଛଠାରୁ ଆରମ୍ଭ କରି ଦ୍ୱିତୀୟ ବୃହତ୍ତମ ନୀଳବର୍ଣ୍ଣ କଇଁଛ, ବିଭିନ୍ନ ପ୍ରଜାତିର ସାମୁଦ୍ରିକ କଇଁଛ ଆସିଥାନ୍ତି। ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଅଞ୍ଚଳବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ପରିବେଶ ସନ୍ତୁଳନ ହୋଇଥାଏ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡଃ. ଶଙ୍କର ନାରାୟଣ ବେଜ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଋଷିକୁଲ୍ୟା ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ୍ ବାଳକୃଷ୍ଣ ମହାରଣା, ପରିବେଶବିତ ତୁଳସୀ ରାମ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ସାମୁଦ୍ରିକ କଇଁଛଙ୍କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ। ଫରେଷ୍ଟର ରତ୍ନ କୁମାର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ବନ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପତ୍ନୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଆଜୀବନ ଜେଲ

**ଛତ୍ରପୁର,୨୩।୫(ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ୨୦୧୯ ମସିହା କରାତଳି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ମାମଲାର ଆଜି ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌର କୋର୍ଟରେ ବିଚାରଣା ହୋଇଛି। ଅତିରିକ୍ତ ଜିଲ୍ଲା ଦୌରା ଜଜ ମନୋରଞ୍ଜନ ଦାଶ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ପତ୍ନୀ ଝିଲି ଖୁଣ୍ଟିଆଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଦେବରାଜ ଖୁଣ୍ଟିଆକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୧୯ ଡିସେମ୍ବର ୩୧ ତାରିଖରେ ଛତ୍ରପୁର ଥାନା କରାତଳି ଗ୍ରାମର ଦେବରାଜ ଖୁଣ୍ଟିଆ କୌଣସି କାରଣକୁ ନେଇ ନିଜ ପତ୍ନୀ ଝିଲିକୁ ହତ୍ୟା କରିଥିଲେ। ଏନେଇ ଛତ୍ରପୁର ଥାନାରେ ୩୪୮/୨୦୧୯ ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ପରେ ଦେବରାଜଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିଲା। ଆଜି ଏହି ହତ୍ୟା ମାମଲାର ବିଚାରଣା ହୋଇଥିଲା। ସରକାରଙ୍କ ତରଫରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ଚୌଧୂରୀ ମାମଲା ପରିଚାଳନା କରିଥିବା ବେଳେ ସିମାଞ୍ଚଳ ମହାପାତ୍ର ସହଯୋଗ କରିଛନ୍ତି।

# ଭଞ୍ଜନଗର ମାଛ ଯାଆଁଳ କେନ୍ଦ୍ରରେ ବିକ୍ରି ଆରମ୍ଭ

**ଭଞ୍ଜନଗର,୨୩।୫(ସମିସ):** ଭଞ୍ଜନଗର ସରକାରୀ ମତ୍ସ୍ୟ ଜାଆଁଳା ଉତ୍ପାଦନ କେନ୍ଦ୍ରରେ ଗୁଣ୍ଡ ଜାଆଁଳା ଓ ଧାନି ଜାଆଁଳା ଉତ୍ପାଦନ ହୋଇଥିବାବେଳେ ସରକାରୀ ଦରରେ ବିକ୍ରି ଆରମ୍ଭ ହୋଇଛି। ପ୍ରତିବର୍ଷ ମାଛ ଚାଷ କରୁଥିବା ଚାଷୀଙ୍କ ପାଇଁ ତଥା ବିଭିନ୍ନ ଡ୍ୟାମ୍‌ରେ ଏଠାରୁ ଜାଆଁଳା ପ୍ରଦାନ କରାଯାଉଥିବାବେଳେ ଚଳିତ ବର୍ଷ ମଧ ଜାଆଁଳା ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ଦୀର୍ଘ ଦିନ ଧରି ବର୍ଷା ନଥିବାରୁ ଏହି ଜାଆଁଳା ଉତ୍ପାଦନ ପ୍ରକଳ୍ପରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲେ ମଧ ସରକାରୀ ଧାର୍ଯ୍ୟ ପୂରଣ ପାଇଁ କେନ୍ଦ୍ର ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଚଳିତ ଥର ସରକାରୀ ଧାର୍ଯ୍ୟ ଅନୁଯାୟୀ ଏକ ଲକ୍ଷ ଗୁଣ୍ଡି ଜାଆଁଳା ୧୦୦୦ ଟଙ୍କା ଓ ଏକ ହଜାର ଗୁଣ୍ଡି ଜାଆଁଳାକୁ ୨୦୦ ଟଙ୍କାରେ ବିକ୍ରି କରିବା ପାଇଁ ଦର ଧାର୍ଯ୍ୟ ହୋଇଥିବା କେନ୍ଦ୍ର ପରିଚାଳକ ସୁଧାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି। ଏଠାରେ ରୋହି, ଭାକୁର, ମିରିକାଳି, ବିଲାତି, ରୋହି ଓ ଦଳଖିଆ ଭଳି ବିଭିନ୍ନ ମାଛର ଉନ୍ନତ ଜାଆଁଳା ସଂଗ୍ରହ ପାଇଁ ଚାଷୀମାନେ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଏଠାରୁ ପ୍ରାୟ ୪୦ କୋଟି ଜାଆଁଳା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି।

# 'ଘୁମୁସରର ସ୍ୱର' ପକ୍ଷରୁ ଆଲୋଚନାଚକ୍ର

**ବୁଗୁଡ଼ା,୨୩।୫(ସମିସ):** ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ପକ୍ଷରୁ ବାଲିପଦରସ୍ଥିତ ଫ୍ରେଣ୍ଡସ୍ କ୍ଲବ୍ ସଭା କକ୍ଷରେ ୧୩୭ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗହଣ ଦଳର ସର୍ଦ୍ଦାର ଲିଙ୍ଗରାଜ ଦାଶ, ଭଞ୍ଜମାଟିର ସମ୍ପାଦକ କାମରାଜୁ ସାହାଣି, ବରିଷ୍ଠ ଲେଖକ ରାମେଶ୍ୱର ପଟ୍ଟନାୟକ, ଫ୍ରେଣ୍ଡସ୍ କ୍ଲବ ସମ୍ପାଦକ ମନୋଜ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବୁଦ୍ଧ ପୂର୍ଣ୍ଣିମାର ମହତ୍ତ୍ୱ ଓ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହ କବିତା ଆସରରେ କବି ସୁରେଶ ଚନ୍ଦ୍ର ପାଢ଼ୀ, ପଦ୍ମଲୋଚନ ଗୌଡ଼, ଦ୍ୟୁତିକୃଷ୍ଣ



ବିଶ୍ୱାଳ, ପ୍ରଦୀପ୍ତ ସାମନ୍ତରା, ଧ୍ରୁବ ପାଣିଗ୍ରାହୀ, ରାଜ ଗୋପାଳ ନାୟକ, ରାଜେଶ୍ୱର ପାତ୍ର, ନିରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ଖଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ଆମ୍ବେଦକର ବିକାଶ ମଞ୍ଚର ବୁଦ୍ଧ ଜୟନ୍ତୀ ପାଳିତ



**ଛତ୍ରପୁର,୨୩।୫(ସମିସ):** ଆଦର୍ଶ ଆମ୍ବେଦକର ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୁଦ୍ଧଦେବଙ୍କ ଉପରେ ଆଲୋକପାତ କରିଥିଲେ । ଲୋୟାର ବସଷ୍ଟାଣ୍ଡ ଓ ଡିଆରଡିଏ ଛକଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ମିଷ୍ଟାର୍ନ୍ନ ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ଆଦର୍ଶ ଆମ୍ବେଦକର ବିକାଶ ମଞ୍ଚର କାଳୁ ଚରଣ ନାୟକ, ଶ୍ରୀହରି ନାହାକ, ଜଗନ୍ନାଥ ଦାଶ, ମଧୁ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କମେଣ୍ଟ ମରାରୁ ହିଂସା; ୪ ଗିରଫ

**ବେଲଗୁଣ୍ଠା,୨୩।୫(ସମିସ):** ବେଲଗୁଣ୍ଠା ଥାନା ଅର୍ନ୍ତଗତ ବାଣତୁମ୍ବ ଗ୍ରାମରେ ରାଜନୈତିକ କମେଣ୍ଟ ମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏନେଇ ବେଲଗୁଣ୍ଠା ପୁଲିସ ପୃଥକ ମାମଲା ରୁଜୁ କରିବା ସହ ଦୁଇ ଗୋଷ୍ଠୀରୁ ଭିନ୍ନ ଭିନ୍ନ ମାମଲା ରୁଜୁ କରିଛି। ୨୪୦/୨୪ରେ ପ୍ରଶାନ୍ତ ସେଠୀ ଓ ସୁଶାନ୍ତ ସେଠୀଙ୍କୁ ପୁଲିସ ଗିରଫ କରିଥିବା ବେଳେ ୨୪୧/୨୪ରେ ଅଜିତ୍ କୁମାର ସ୍ୱାଇଁ ଓ ବଳରାମ ସ୍ୱାଇଁଙ୍କୁ ଗିରଫ କରିଛି। ଦୁଇଟି ପୃଥକ ମାମଲାରେ ୨୪୦/୨୪ରେ ଭଞ୍ଜନଗର ଏସ୍.ଡି.ପି.ଓ ତଦନ୍ତ କରୁଥିବା ବେଳେ ଅନ୍ୟଟିରେ ବେଲଗୁଣ୍ଠା ସେକେଣ୍ଡ ଅଫିସର ଅଭୟ କୁମାର ପ୍ରଧାନ ତଦନ୍ତ କରୁଥିବା ନେଇ ଥାନାଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଗଞ୍ଜାମରେ ତାଳ ସଜର ଚାହିଦା

# ରାସ୍ତା କଡ଼ରେ ଜମୁଛି ବ୍ୟବସାୟ

**ଭଞ୍ଜନଗର,୨୩।୫(ସମିସ)**

ବର୍ତ୍ତମାନ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ସାଧାରଣ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଦିନ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି । ଜରୁରୀ କାମରେ ଘରୁ ବାହାରୁଥିବା ବ୍ୟକ୍ତି ମାନଙ୍କ ପାଇଁ ଥଣ୍ଡା ପାନୀୟ, ଆଖୁରସ, ଲେମ୍ବୁ ମିଶ୍ରି ପଣା, ରସାବଳୀ, ଲସି, ତରଭୁଜ ଓ ଫଳ ଜୁସ ଭଳି ବିଭିନ୍ନ ପ୍ରକାର ଖାଦ୍ୟ ଏବଂ ପାନୀୟର ଚାହିଦା ବୃଦ୍ଧି ପାଇଛି। ଏଥି ସହ କଷି ତାଳ ମଧ ବିଶେଷ ଆକର୍ଷଣ ସାଜିଛି। ରାସ୍ତା କଡରେ ଏବେ ପଡିଛି ତାଳର ପସରା। ଏହା ଉପରେ ଯାହାର ନଜର ପଡୁଛି ସେ ଅଟକି ଯାଇ ଏହି ସୁଆଦିଆ ତାଳ କିଣିବା ପାଇଁ ବାଧ ହେଉଛି। କାରଣ ବର୍ଷର ନିର୍ଦ୍ଦିଷ୍ଟ କିଛି ମାସରେ ଏହି ଫଳ ମିଳିଥାଏ। ସାବିତ୍ରୀ ଅମାବାସ୍ୟା ପରେ ଆଉ ଏହାର ଚାହିଦା



ରହେନି କାରଣ ସେତେବେଳେକୁ ତାଳ ସବୁ ବୁଢା ହୋଇଯାଇଥାଏ । ଗୋଲାପଡ଼ା ପଞ୍ଚାୟତର କେତେକ ଗ୍ରାମ ଓ ପ୍ରତାପୁର ଅଞ୍ଚଳର ବଣୀଆପଲି ଗ୍ରାମର ଅନେକ ପରିବାର ବର୍ଷର ଦୁଇ ମାସ ଏହି ବ୍ୟବସାୟ କରି ଭଲ ରୋଜଗାର କରିଥାନ୍ତି । କଷି ତାଳ ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ହେବା ସହ କଅଁଳିଆ ହୋଇଥିବାରୁ ପାଟିକୁ ସୁଆଦିଆ ଲାଗିଥାଏ ଏବଂ ଏଥିରେ ଥିବା ଜଳୀୟ ଅଂଶ ପଥଚାରିଙ୍କର ତୃଷା ନିବାରଣ କରିଥାଏ। ତେଣୁ ଏହାକୁ ଅଧିକାଂଶ ଲୋକ ଖୁବ ପସନ୍ଦ କରଥାନ୍ତି। ଦର ମଧ କମ ହୋଇଥିବାରୁ ଲୋକମାନେ ରାସ୍ତା କଡେ ବିକ୍ରି ହେଉଥିବା ତାଳକୁ ନିଜେ ଖାଇବା ସହ ଘରକୁ ମଧ ନେଉଥିବାର ଦେଖିବାକୁ ମିଳିଛି। ପ୍ରତିଦିନ ଭଞ୍ଜନଗର ସହରର ସୂଚନା କେନ୍ଦ୍ର ସମ୍ମୁଖ ରାସ୍ତା ଓ କୋର୍ଟ ସାମ୍ନା ରାସ୍ତାରେ ବହୁ ସଂଖ୍ୟାରେ ତାଳ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।




ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ: ରମ୍ଭା ଅଞ୍ଚଳରେ ଦୋକାନ ବଜାର ଶୂନ୍‌ଶାନ୍

### ଏମ୍‌କେସିଜିର ଡାକ୍ତର ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

# ଧାରୁଆ ଅସ୍ତ୍ରରେ କାଟିଲେ ବେକ ଓ ଜଙ୍ଘ

ବ୍ରହ୍ମପୁର, ୨୩।୫(ସମିସ)

ଏମକେସିଜି ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ଜଣେ ଡାକ୍ତରୀ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ଗୁରୁବାର କୌଣସି ଏକ ଧାରୁଆ ଅସ୍ତ୍ରରେ ନିଜ ବେକ ଆଉ ଜଙ୍ଘ କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ବର୍ତ୍ତମାନ ଆହତ ଡାକ୍ତରୀ ଛାତ୍ର ଜଣଙ୍କ ଏମକେସିଜି ମେଡ଼ିକାଲର ସର୍ଜରୀ ବିଭାଗରେ ଚିକିତ୍ସିତ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତେବେ ସେ କାହିଁକି ଓ କେଉଁ କାରଣ ନିମନ୍ତେ ଏଭଳି ନିଷ୍ପତି ନେଲେ ତାହା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲ କଲେଜରେ ଅଧ୍ୟୟନ ନିମନ୍ତେ ଭାରତର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀମାନେ ଆସି ପାଠ ପଢ଼ିଥାନ୍ତି। ସେହିକ୍ରମେ ମହାରାଷ୍ଟ୍ରର ଜଣେ ୨ଡାକ୍ତର ଛାତ୍ର କିଛି ମାସ ପୂର୍ବେ ଏମକେସିଜି ମେଡିକାଲ କଲେଜରେ ପ୍ରଥମ ବର୍ଷ ସର୍ଜରୀ ସ୍ନାତକୋତ୍ତର(ପିଜି) ବର୍ଗରେ ଅଧ୍ୟୟନ କରୁଛନ୍ତି। ସେ ମେଡିକାଲ ପରିସରରେ ଥିବା ପିଜି ହଷ୍ଟେଲ-୨ରେ ରହୁଛନ୍ତି। ଡାକ୍ତର ଛାତ୍ର ଜଣକ କୌଣସି କାରଣରୁ ଗୁରୁବାର ପ୍ରାୟ ୧୦ଟା ସମୟରେ ଏକ ଧାରୁଆ ନିଜ ବେକ ଓ ଜଙ୍ଘକୁ କାଟି ଦେଇଥିବା ଜଣାପଡ଼ିଛି। ପରେ ଉକ୍ତ ଛାତ୍ର ଜଣଙ୍କ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗକୁ ଚିକିତ୍ସା ନିମନ୍ତେ ଆସିଥିଲେ। ପରେ ତାଙ୍କୁ ମେଡ଼ିକାଲର ସର୍ଜରୀ ବିଭାଗରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ସର୍ଜରୀ ଓ ଇଏନଟି ବିଭାଗର ବରିଷ୍ଠ ଡାକ୍ତର ଆସି ଚିକିତ୍ସା କରିଥିଲେ। ଆହତ ଡାକ୍ତର ଛାତ୍ର ଜଣଙ୍କ ବର୍ତ୍ତମାନ ସୁସ୍ଥ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସର୍ଜରୀ ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ ଆହତ ଡାକ୍ତର ଛାତ୍ରଙ୍କ ପରିବାରକୁ ଜଣାଯାଇଛି। ଘଟଣା ସମ୍ପର୍କରେ ପୁଲିସକୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିବା ଏମକେସିଜି ମେଡିକାଲ କଲେଜ ଡିନ ପ୍ରଫେସର୍ ଡ଼ା. ସନ୍ତୋଷ କୁମାର ମିଶ୍ର କହିଛନ୍ତି। ତେବେ ଡାକ୍ତର ଛାତ୍ର ଜଣଙ୍କୁ କିଏ ଓ କେଉଁ କାରଣରୁ ଆକ୍ରମଣ କରିଛି। କିମ୍ବା ସେ ଯଦି ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି ତେବେ ତାହାର କାରଣ କଣ କରିଛି। ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସ ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି।



**କାରଣ ଅସ୍ପଷ୍ଟ, ଘଟଣା ସମ୍ପର୍କରେ ପୁଲିସକୁ କୁହାଯାଇଛି: ଡିନ୍**

# ମହିଳାଙ୍କୁ ଅପହରଣ କରି ଦୁଷ୍କର୍ମ, ଯୁବକ ଗିରଫ

**ବ୍ରହ୍ମପୁର, ୨୩।୫ (ସମିସ):** ଜଣେ ବିବାହିତ ମହିଳାଙ୍କୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ଉକ୍ତ ଥାନା ଅଞ୍ଚଳର ସମୀର ସାହୁ(୨୪)। ଉଭୟଙ୍କ ଗୁରୁବାର ଏମକେସିଜି ଏଫ୍‌ଏମଟିରେ ପରୀକ୍ଷା କରାଯାଇଥିଲା। ସେହିପରି ଧାରା ୧୬୪ ଅନୁସାରେ କୋର୍ଟରେ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ, ଯେ, ସମୀର ସାହୁ ଜଣେ ଖାଦ୍ୟ ଡେଲିଭରି ବୟ ଭାବେ ଏକ ସଂସ୍ଥାରେ କାମ କରୁଥିଲେ। ନିମଖଣ୍ଡି ଥାନା ଅଞ୍ଚଳରେ ରହୁଥିବା ତାଙ୍କ ବଡବାପାଙ୍କ ଘରକୁ ସେ ଯିବା ଆସିବା କରନ୍ତି। ସେ ତାଙ୍କ ବଡ ଭାଇଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ପ୍ରତିଶୃତି ଦେବା ସହ ପ୍ରଲୋଭିତ କରିଥିଲେ। ମହିଳାଙ୍କ ଦୁଇଟି ସନ୍ତାନ ଥିବା ବେଳେ ଗତ ଏପ୍ରିଲ ୨୬ ତାରିଖରେ ତାଙ୍କୁ ଅପହରଣ କରିଥିଲେ। ସେପଟେ ସ୍ତ୍ରୀ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ବୁଧବାର ପୀଡ଼ିତା ଜଣଙ୍କ ଥାନାକୁ ଆସି ସମୀର ସାହୁ ତାଙ୍କୁ ଅପହରଣ କରି ପ୍ରଥମେ ପୁରୀ ନେଇ ସେଠାରେ ଏକ ହୋଟେଲରେ ରଖିଥିଲା। ସେଠାରେ ସେ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ ବୋଲି ପୁଲିସ ଆଗରେ ପୀଡ଼ିତା ବୟାନ ଦେଇଥିଲେ। ପରେ ଭୁବନେଶ୍ୱର ଓ ଶେଷରେ ବ୍ରହ୍ମପୁର ଗୋବିନ୍ଦ ବିହାରରେ ଏକ ଘର ଭଡା ନେଇ ସମୀର ତାଙ୍କୁ ରଖିଥିଲେ। ବିବାହ କରିବି ବୋଲି ପ୍ରତିଶ୍ରୁତି ଦେଇ ତାଙ୍କୁ ପ୍ରତାରଣା କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ଏସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଅଭିଯୁକ୍ତ ସମୀରଙ୍କୁ ପୁଲିସ ଗିରଫ କରିଛି।



# ବ୍ରହ୍ମପୁର ଜେଲ୍‌ରୁ ମୁକୁଳିଲେ ଆଉ ୧୦ ଆଜୀବନ କଏଦୀ

ବ୍ରହ୍ମପୁର, ୨୩।୫(ସମିସ): ରିଜର୍ଭ ଇନ୍ସପେକ୍ଟର ବିନୟ ମେହେର ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଆଜୀବନ ସଜା କାଟୁଥିବା ଆଉ ୧୦ଜଣ କଏଦୀ ଆଜି ଜାମିନରେ ମୁକୁଳିଛନ୍ତି। ସେମାନେ ହେଲେ ସିନ୍ଧିଗାଁର ପି. କାମରାଜୁ ରେଡି(୭୫), ପି. ନାଗେଶ୍ୱର ରେଡି(୬୫), ପି. ଡମ୍ବୁରୁ ରେଡି(୬୬), ଏଲ. ଚନ୍ଦ୍ରମଣି ରେଡି(୬୦), ପି. ପୁତୁଡୁ(୬୮), ଟୁନା ବେହେରା(୫୨), ଆର, ଘନ ରେଡି(୬୦), ବଡଆର୍ଯ୍ୟପଲ୍ଲୀର କାଳିଆ ସେଠୀ(୪୫), ବଡପୁଟିର ଗୁରୁଦେବ ବେହେରା(୫୦), ବଣଭୁଆପଲ୍ଲୀର ସୁଦାମ ରାଉଳ(୫୯)। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ୍ ରେଡିଙ୍କ ସମେତ ଚମାଖଣ୍ଡିର ଏନ. ଦିଲିପ ରେଡ଼ି ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମା ଗତକାଲି ମଣ୍ଡଳ କାରାଗାରରୁ ବାହାରିଥିଲେ। ପ୍ରକାଶଥାଉକି, ରିର୍ଜଭ ଇନ୍ସପେକ୍ଟର ହତ୍ୟା ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ଏଡିଜେ-୩ ଅଦାଲତ ୨୦୨୩ ନଭେମ୍ବରରେ ଉପରୋକ୍ତ ୧୩ ଜଣଙ୍କୁ ଆଜୀମନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପରେ ଦୋଷୀମାନେ ହାଇକୋର୍ଟରେ ଅପିଲ ଆବେଦନ କରିଥିଲେ। ଉକ୍ତ ଆବେଦନଗୁଡ଼ିକର ଶୁଣାଣି କରି ହାଇକୋର୍ଟ ସମସ୍ତ ଦୋଷୀଙ୍କୁ ୮ ସପ୍ତାହ ତଥା ୨ମାସ ଆନ୍ତରୀଣ ଜାମିନ ପ୍ରଦାନ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଦ୍ଧ ଜୟନ୍ତୀ

**ବ୍ରହ୍ମପୁର, ୨୩।୫ (ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଯାଇଛି। ଏଥିରେ ମଞ୍ଚର ସଦସ୍ୟ ସମିର କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଗୋଷାଣିନୂଆଗାଁ ପୁଲିସ ଥାନା ନିକଟରେ ଥିବା ବୁଦ୍ଧ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏ ଅବସରରେ ବୁଦ୍ଧଙ୍କୁ ସ୍ମୃତିଚାରଣ କରିବା ସହ ତାଙ୍କ ଅବଦାନ ସମ୍ପର୍କରେ ଅଲୋଚନା କରାଯାଇଥିଲା। ସମାଜରେ ସଂସ୍କାର କାଣିବାକୁ ହେଲେ ଗୌତମ ବୁଦ୍ଧଙ୍କ ବାଣୀର ଗୁରୁତ୍ୱ ରହିଛି ବୋଲି ଏଠାରେ କୁହାଯାଇଥିଲା। ସ୍ଥାନୀୟ ବାପୁଜି ଆଶ୍ରମ ଓ ବ୍ରହ୍ମପୁର ମହାତ୍ମା ଗାନ୍ଧି ଷ୍ଟାଡ଼ିୟମ ନିକଟରେ ଥିବା ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିଙ୍କୁ ଉଚ୍ଛେଦ ଘଟଣାକୁ ମଞ୍ଚ ପକ୍ଷରୁ ଏଠାରେ ନିନ୍ଦା କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚର ଶିବ ପ୍ରସନ୍ନ ମିଶ୍ର ଓ ମୋହନ ଚରଣ ସ୍ୱାଇଁଙ୍କ ସମେତ ଅନ୍ୟମାରେ ଉପସ୍ଥିତ ଥିଲେ।



# ଦଖଲ ଘର ଛାଡ଼ିବା ପାଇଁ ୩୦ ଲକ୍ଷ ଦାବି ଅଭିଯୋଗ

**ବ୍ରହ୍ମପୁର,୨୩।୫ (ସମିସ):** ଟାଉନ ଥାନା ଅନ୍ତର୍ଗତ ପ୍ରେମନଗର ୭ମ ଲେନ୍ (ଦ୍ୱିତୀୟ ଏକ୍ସଟେନସନ)ରେ ଜୋର୍ ଜବରଦସ୍ତ ଘର ଦଖଲ ନେଇ ଅଭିଯୋଗ ହୋଇଛି। ଏମ.ଜୟପ୍ରକାଶ ରାଓଙ୍କ ଅଭିଯୋଗ ମୁତାବକ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଜୟପ୍ରକାଶ ଅଭିଯୋଗ କରିଛନ୍ତି ଯେ, ପି.ରାଜ ପ୍ରଭାକର ରାମ ତାଙ୍କର ଏକ ଘରକୁ ଦୋକାନ କରିବା ପାଇଁ ୯ ବର୍ଷ ପାଇଁ ଭଡା ବାବଦରେ ଚୁକ୍ତି କରି ନେଇଥିଲେ। କିନ୍ତୁ ଅବଧି ପୂରଣରୁ ୪୫ ମାସ ବିତି ଯାଇଥିଲେ ବି ସେ ଘରକୁ ଜବରଦସ୍ତ ଦଖଲରେ ରଖିଛନ୍ତି। ସେପଟେ ୪୫ ମାସର ଘରଭଡା ଦେଇନାହାନ୍ତି। ଘର ଭଡା ବାବଦକୁ ପ୍ରାୟ ୭୫ ଲକ୍ଷ ଟଙ୍କା ହେଲାଣି। ଘରଭଡା ଦିଅନ୍ତୁ କିମ୍ବା ଘର ଛାଡନ୍ତୁ ବୋଲି କହିବାରୁ ସେ ଗାଳିଗୁଲଜ କରୁଛନ୍ତି। ଘର ଛାଡିବା ବାବଦରେ ୩୦ ଲକ୍ଷ ଦାଦାବଟି ଦାବି କରୁଛନ୍ତି। ବାରମ୍ବାର ଟଙ୍କା ଦେବା ପାଇଁ ଚାପ ପକାଉଛନ୍ତି। ନଦେଲେ ହତ୍ୟା ଧମକ ଦେଉଛନ୍ତି। ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ପୁଲିସ ପକ୍ଷରୁ ଏ ସଂକ୍ରାନ୍ତରେ ନଂ. ୧୭୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ନାରାୟଣ ରେଡ୍ଡୀଙ୍କୁ ଶୁଭେଚ୍ଛା

ବ୍ରହ୍ମପୁର, ୨୩।୫(ସମିସ)

ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କୁ ଆନ୍ତରୀଣ ଜାମିନ ମିଳିବା ପରେ ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା ଗୁରୁବାର ଏନ. ନାରାୟଣ ରେଡ୍ଡୀଙ୍କୁ ତାଙ୍କ ଛତ୍ରପୁର ବାସଭବନରେ ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବର୍ତ୍ତମାନର କେନ୍ଦ୍ରର ଫାସିବାଦୀ ସରକାରକୁ ପରାସ୍ତ କରିବାପାଇଁ ସମସ୍ତ ବାମପନ୍ଥୀ ଦଳଙ୍କୁ ଏକ ମିଳିତ ପ୍ଲାଟଫର୍ମରେ ଏକାଠି ହେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଟାଟା ଷ୍ଟିଲ ପ୍ଲାଣ୍ଟ ନାଁରେ ଜବରଦସ୍ତ ଜମି ଓ ଭିଟାମାଟିରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ବେଦଖଲ କରିବା ବିରୁଦ୍ଧରେ ଗଣ ସଂଗ୍ରାମ ସମିତି ଲଢେଇ କରିଥିଲା। ଗ୍ରାମବାସୀଙ୍କ ଭୂମି ଅଧିକାରକୁ ସାବ୍ୟସ୍ତ କରିବା ଓ ସେମାନଙ୍କୁ ତାଙ୍କ ହକ ଦେବାପାଇଁ ଏନ. ନାରାୟଣ ରେଡ୍ଡୀ ଏହି ଗଣତାନ୍ତ୍ରିକ ଆନ୍ଦୋଳନର ନେତୃତ୍ୱ ନେଉଥିଲେ। ହେଲେ ଜମି ସମ୍ପୂର୍ଣ ଭାବେ ଆଜି ଟାଟା ଅଧୀନରେ ଥିଲେ ବି କମ୍ପାନୀ ପ୍ଲାଣ୍ଟ କରାଯାଇନଥିବା ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି।






ପ୍ରବଳ ଖରାରେ ଶୁଖିଲା ପଡ଼ିଛି ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ଜଳପାତ୍ର



ବ୍ୟାଙ୍କ ଋଣ ନାଁରେ ଅର୍ଥ ହଡ଼ପ ଅଭିଯୋଗ

# ଥାନାର ଦ୍ୱାରସ୍ଥ ହେଲେ ମହିଳା ଗୋଷ୍ଠୀ

**ଫୁଲବାଣୀ, ୨୩।୫(ସମିସ)**

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ବଢ଼ିବାରେ ଲାଗିଛି ବେସରକାରୀ ଅର୍ଥ ଲଗାଣ କାରି ସଂସ୍ଥା ମାନଙ୍କର ପ୍ରାଦୁର୍ଭାବ। ବେସରକାରୀ ଅର୍ଥ ଲଗାଣ କାରି ସଂସ୍ଥା ମାନଙ୍କଠାରୁ ଋଣ ଆଣି ଦିନକୁ ଦିନ ସର୍ବସ୍ୱାନ୍ତ ହେଲାଣି ମହିଳା ଗୋଷ୍ଠୀ। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅଧୀନରେ ଥିବା କଇଁଝର ଅଞ୍ଚଳରେ। କଇଁଝର ଗାଁର ସନିରା ଦିଗାଳ ନାମକ ଜଣେ ବ୍ୟକ୍ତି କିଛି ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ମାନଙ୍କ ସହ ମିଶି ଏହି କଇଁଝର ଅଞ୍ଚଳର ପ୍ରାୟ ୪୦ରୁ ୫୦ଜଣ ମହିଳାଙ୍କ ନାଁରେ ଋଣ କରି ପ୍ରାୟ ୮/୧୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।



ମହିଳାମାନଙ୍କ କହିବା ଅନୁସାରେ ସମ୍ପୃକ୍ତ ବ୍ୟକ୍ତି ଜଣକ କିଛି ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀମାନଙ୍କ ସହ ମହିଳାମାନଙ୍କୁ ଋଣ କରିବାକୁ କହିବା ସହ ଏହି ଋଣ ଟଙ୍କାରେ ସିଲେଇ ତାଲିମ କେନ୍ଦ୍ର ଖୋଲିବା ପାଇଁ କହିଥିଲେ। ମହିଳାମାନେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରି ବିଭିନ୍ନ ବେସରକାରୀ ବ୍ୟାଙ୍କରୁ ଋଣ କରି ତାଙ୍କୁ ଦେଇଥିଲେ। କିନ୍ତୁ ମହିଳା ମାନଙ୍କ ଠାରୁ ଟଙ୍କା ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ସିଲେଇ ତାଲିମ କେନ୍ଦ୍ର ନଖୋଲି ଫେରାର ହୋଇଯାଇଥିଲେ। ମହିଳାମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କଲେ ତାଙ୍କର କୌଣସି ଖୋଜ ଖବର ମିଳୁନଥିବା ବେଳେ ସେପଟେ ସମ୍ପୃକ୍ତ ଯୁବକଙ୍କ ସହ ଆସିଥିବା ଅର୍ଥ ଲଗାଣକାରୀ କର୍ମଚାରୀ ମାନଙ୍କ ପାଖରେ ଅଭିଯୋଗ କଲେ ସମ୍ପୃକ୍ତ କର୍ମଚାରୀମାନେ ମହିଳା ମାନଙ୍କୁ ଦୁର୍ବ୍ୟବହାର କରିବା ସହ ସେ ବିଷୟରେ ଆମେ କିଛି ଜାଣିନୁ ତମେ ବ୍ୟାଙ୍କରୁ ଋଣ ନେଇଛ ଓ ତମେ ହିଁ ସୁଝିବ ବୋଲି ଧମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଶେଷରେ କୌଣସି ଉପାୟ ନପାଇ ମହିଳା ମାନେ ଘଟଣା ସମ୍ପର୍କରେ ଟିକାବାଲି ଥାନାରେ ଅଭିଯୋଗ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

● ଗୁଣି ସନ୍ଦେହରେ ଆକ୍ରମଣ

# ଭୟରେ ଗାଁ ଛାଡ଼ିଲେ ପରିବାର

**ମୋହନା, ୨୩।୫(ସମିସ):** ଗୁଣି ସନ୍ଦେହରେ ଗ୍ରାମବାସୀ ଆକ୍ରମଣ କରିଥିବା ଅଭିଯୋଗ କରି ଗାଁ ଛାଡ଼ିଛନ୍ତି ଗୋଟିଏ ପରିବାର। ଏନେଇ ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତ ପରିବାର। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଅଡ଼ବା ଥାନା ରାଜଖମା ଗାଁରେ। ଗତ କିଛି ବର୍ଷ ହେଲା ଗାଁର ସନ୍ୟାସୀ ଦଳପତିଙ୍କ ପରିବାରକୁ ଗୁଣି ସନ୍ଦେହ କରୁଛନ୍ତି ଗାଁ ଲୋକେ। ଗାଁର କେହି ରୋଗରେ ପଡ଼ିଲେ ସେ ହିଁ ଗୁଣି କରିଛି ବୋଲି ତାଙ୍କୁ ଆକ୍ଷେପ କରୁଥିଲେ। ଗତ ୧୭ ତାରିଖ ରାତି ପ୍ରାୟ ୮ଟାରେ ଅଚାନକ ଗାଁର କିଛି ଲୋକ ଠେଙ୍ଗା ବାଡ଼ି ଧରି ସନ୍ୟାସୀଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ଏପରିକି ତାଙ୍କ ୮ ବର୍ଷର ଝିଅକୁ ମଧ୍ୟ ମାରଧର କରିଥିବା ଅଭିଯୋଗ ହୋଇଛି। ତେଣୁ ଭୟରେ ତାଙ୍କ ପରିବାର ଗାଁ ଛାଡ଼ି ପଳାଇ ଆସିବା ସହ ଅଡ଼ବା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି ସନ୍ନ୍ୟାସୀ। ତାଙ୍କ ପରିବାରର ଜୀବନ ପ୍ରତି ବିପଦ ଥିବାରୁ ଏବେ ବାପା, ସ୍ତ୍ରୀ ଓ ଦୁଇ ଝିଅକୁ ନେଇ ଅଡ଼ବା ନିକଟସ୍ଥ ପଦାଗାଁରେ ଏକ ଭଡ଼ା ଘରେ ରହୁଛନ୍ତି ସନ୍ୟାସୀ। ତେଣୁ ତୁରନ୍ତ ତାଙ୍କ ପରିବାରକୁ ନ୍ୟାୟ ପାଇଁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ପ୍ରାଥମିକ ତଦନ୍ତରୁ ଗୁଣି ଗାରେଡ଼ିର କୌଣସି ଆଭାସ ମିଳିନଥିବା ଏବଂ ଅଡ଼ବା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କହିଛନ୍ତି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର



ପଣ୍ଡା। ତେବେ ଘଟଣା ନେଇ ଆମେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲୁ। ଗୁଣି ଗାରେଡ଼ି ନୁହେଁ ଗ୍ରାମର କିଛି ସାମାନ୍ୟ ସମସ୍ୟାକୁ ନେଇ ପାଟିତୁଣ୍ଡ ହୋଇଥିବା ଗ୍ରାମବାସୀ କହିଛନ୍ତି। ତେବେ ତଦନ୍ତ ପରେ ହିଁ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ କହିଛି।

ଚତୁର୍ଥ ଦିନରେ ଠାକୁରାଣୀ ଯାତ୍ରା

# ଦୁଲୁକୁଛି ରାୟଗଡ଼ ଗାଁ ଦାଣ୍ଡ





**ରାୟଗଡ଼, ୨୩।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଓଡ଼ିଆ ସାହିରେ ମା' ଠାକୁରାଣୀଙ୍କ ଯାତ୍ରା ଚତୁର୍ଥ ଦିନରେ ପହଞ୍ଚିଛି। ଦୀର୍ଘ ସାତ ବର୍ଷ ପରେ ଉକ୍ତ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ରାୟଗଡ଼ ଚଳଚଞ୍ଚଳ ହୋଇ ଉଠିଛି। ଦିନରେ ଟାଣ ଖରା ସତ୍ତ୍ୱେ ବେଶଭୂଷା ଏବଂ ସନ୍ଧ୍ୟା ହୋଇଗଲେ ମା'ଙ୍କ ନଗର ପରିକ୍ରମା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ରାୟଗଡ଼ ଗାଁ ଦାଣ୍ଡ ଓ ଦ୍ୱିତୀୟ ଦିନରେ ଭୂତ କେଳି, ତୃତୀୟ ଦିନରେ ଗଞ୍ଜାମ ଜିଲ୍ଲାର ଭକ୍ତ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। ଟାଣ ଖରା ହେଉଥିଲେ ମଧ୍ୟ ମାନସିକଧାରୀମାନେ ବେଶଭୂଷାରେ ବାହାରି ଗାଁ ବୁଲିଥିଲେ। ମା'ଙ୍କ ସନ୍ଧ୍ୟା ଆଳତି ପରେ ନଗର ପରିକ୍ରମାରେ ବାହାରି ବିଭିନ୍ନ ସାହିର ପ୍ରତି ଗଳିକନ୍ଦିରେ ଘଟ ପୂଜା ପାଇଥିଲା। ଏନେଇ ରାୟଗଡ଼ ସାରା ପୁରା ଉତ୍ସବ ମୁଖର ହୋଇପଡ଼ିଛି। କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ଚିତ୍ର ସେନା ଲେଙ୍କା, ଉପସଭାପତି ପିଣ୍ଟୁ ପାଇକ, କୋଷାଧ୍ୟକ୍ଷ ଚନ୍ଦନ ଦାସ, ସ୍ୱରୂପ ପଟ୍ଟନାୟକ, ସଞ୍ଜୀବ ପାଇକ, ବାବୁନି ପାଣିଗ୍ରାହୀ, ମନୁ ସାହୁ, ଶିବାନନ୍ଦ ପାଇକ ପ୍ରମୁଖ ପରିଚାଳନା କରିଥିବାବେଳେ କମିଟର ସଦସ୍ୟ, ସଦସ୍ୟା ଏବଂ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ପାଣିରେ ବୁଡ଼ି ନାବାଳକ ମୃତ

**ଫୁଲବାଣୀ, ୨୩।୫(ସମିସ):** ଅଷ୍ଟପ୍ରହର ନାମଯଜ୍ଞ ସାରି ବିସର୍ଜନ କରୁଥିବା ବେଳେ ଅସାବଧାନତା ଯୋଗୁଁ ଗୋଡ଼ ଖସି ପାଣିରେ ବୁଡ଼ି ନାବାଳକଙ୍କ ମୃତ୍ୟୁ ହୋଇଛି। ଘଟଣା ଘଟିଛି ଖଜୁରୀପଡ଼ା ଥାନା ଅନ୍ତର୍ଗତ ଟିଂଗ୍ରାପଙ୍ଗା ପଞ୍ଚାୟତର ଭୁକ୍ତା କନାଲି ଗ୍ରାମରେ। ଏହି ଗ୍ରାମରେ ଅତି ଧୁମଧାମରେ ଅଷ୍ଟପ୍ରହର ନାମ ଯଜ୍ଞ ସରିବା ପରେ ଗୁରୁବାର ମଧ୍ୟାହ୍ନରେ ଗ୍ରାମବାସୀ ବିସର୍ଜନ କରିବାକୁ ଯାଇଥିଲେ। ସେଠାରେ ନାରାୟଣ ଦିଗାଲଙ୍କ ୯ ବର୍ଷୀୟ ପୁଅ ବିମଳ ଦିଗାଲଙ୍କ ଅସାବଧାନତା ବଶତଃ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ପରିବାରବର୍ଗ ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖଜୁରୀପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

**ଫିରିଙ୍ଗିଆ, ୨୩।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମାଶ୍ରୀପଡ଼ା ଛକ ନିକଟରୁ ଅବକାରୀ ବିଭାଗ ଗୁରୁବାର ଏକ ସ୍କୁଟି ସହ ୧୨ କିଲୋ ଗଞ୍ଜେଇ ଜବତ କରିଛି। ଏହି ମାମାଲାରେ ଦୁଇ ଗଞ୍ଜେଇ ଚାଲାଣକାରିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅବକାରୀ ବିଭାଗର ସୂଚନା ଅନୁସାରେ ଗୁରୁବାର ସକାଳୁ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ସଦର ଇନସିପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏସଏଇ ଭବାନୀଶଙ୍କର ସେଠୀ, ଏଏସଆଇ ସୁଜିତ କୁମାର ମୁଦୁଲି ଓ ଏଏସଆଇ ଭୃଗୁପତି ଦିଗାଲ ପାଟ୍ରୋଲିଂ କରୁଥିବା ସମୟରେ ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତାର ମାଶ୍ରୀପଡ଼ା ଛକ ନିକଟରେ ସ୍କୁଟିରେ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଆଉ ଯାଞ୍ଚ କରିବା ସମୟରେ ସ୍କୁଟିରୁ ବାର କିଲୋ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିଲେ। ତେବେ ଗିରଫ ଚାଲାଣକାରି ମାନେ ଫିରିଙ୍ଗିଆ ଥାନା ନୂଆପଦର ବିଲୁପଦର ଗାଁର କିଶୋର ଚନ୍ଦ୍ର ବେହେରା ଓ ସୁନୀଲ ଦିଗାଲ ବୋଲି ଜଣାପଡ଼ିଥିବା ବେଳେ ଗୁରୁବାର ଏହି ଘଟଣାରେ ୯/୨୪ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଲକ୍ଷ୍ମୀନୃସିଂହଙ୍କ ଚନ୍ଦନ ଯାତ୍ରା ଆରମ୍ଭ



**ଫୁଲବାଣୀ, ୨୩।୫(ସମିସ):** ଲକ୍ଷ୍ମୀ ନୃସିଂହ ନାଥ ଠାକୁରଙ୍କର ଜନ୍ମ ଚତୁର୍ଦ୍ଦଶୀ ପାଳନ ଅବସରରେ୨୫ ଚନ୍ଦନ ଯାତ୍ରା ରଜତ ଜୟନ୍ତୀ ଜିରିଙ୍ଗିପଡ଼ା ଯାତ୍ରା ପରିଚାଳନା କମିଟି ପକ୍ଷରୁ ଫୁଲବାଣୀ ସହରସ୍ଥିତ ଜିରିଙ୍ଗିପଡ଼ା ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ଯାତ୍ରା ପଡ଼ିଆଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଯାତ୍ରା ଚଳିତ ମେ ମାସ ୨୨ତାରିଖଠାରୁ ଜୁନ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି ପାର୍ଥ ସାରଥୀ ବିଶ୍ୱାଳ କହିଛନ୍ତି। ଯାତ୍ରା ପରିଚାଳନା ମହିଳା ବାହିନୀ ସଭାନେତ୍ରୀ ଆରତୀ ବେହେରା ଓ କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ସମସ୍ତେ ସ୍ଥାନୀୟ ସାଲୁଙ୍କି ନଦୀରୁ ଜଳ ଭରି ପୂଜା ଅର୍ଚ୍ଚନା କରି ନାରାୟଣୀ ମନ୍ଦିର ନିକଟରୁ କଳସ ଶୋଭାଯାତ୍ରା କରି ନୃସିଂହ ମନ୍ଦିରଠାରେ ପହଞ୍ଚି ଥିଲା। ବହୁ ସଂଖ୍ୟାରେ ଭକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଠାକୁରଙ୍କର ଜନ୍ମ ଚତୁର୍ଦ୍ଦଶୀରେ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥିଲେ।

# ମହିଳାଙ୍କୁ ଅପହରଣ ଅଭିଯୋଗ

**ଫିରିଙ୍ଗିଆ, ୨୩।୫(ସମିସ):** ଫିରିଙ୍ଗିଆ ଥାନା ଶାସିପଦର ଗାଁର ଜଣେ ବିବାହିତା ମହିଳାଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଶାସିପଦର ଗାଁର ସନ୍ତୋଷ ରଣା ଏଭଳି ଅଭିଯୋଗ କରିଥିବାବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସନ୍ତୋଷଙ୍କ ଅଭିଯୋଗ ମୁତାବକ ତାଙ୍କର ଝିଅ ମମତା ରଣା ଫିରିଙ୍ଗିଆ ବ୍ଲକ ସାତୀଙ୍ଗିଆ ପଞ୍ଚାୟତ କଟାପଙ୍ଗା ଗାଁର ନୀଳକଣ୍ଠ ରଣାଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ୩ ବର୍ଷର ପୁଅଟିଏ ମଧ୍ୟ ରହିଛି। ଗତ କିଛିଦିନ ତଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ତାଙ୍କ ଝିଅ ଶାସିପଦରଠାରେ ରହି ଆସୁଥିଲେ। ତେବେ ବୁଧବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ମମତାଙ୍କୁ ଅପହରଣ କରିନେଇଥିବା ଅଭିଯୋଗ କରିଛନ୍ତି। ଅପହୃତା ମମତାଙ୍କ ତିନି ବର୍ଷର ଶିଶୁ ପୁତ୍ରଟି ଘର ଭିତରେ କାନ୍ଦୁଥିଲା ଓ ପରେ ଶିଶୁଟିର କାନ୍ଦିବା ଶୁଣି ପରିବାର ଲୋକେ ଉଠି ଦେଖିଲା ବେଳକୁ ଝିଅକୁ କେହି ଅପହରଣ କରିନେଇଥିବା ସନ୍ଦେହ କରିଥିଲେ। ପରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ବହୁ ଖୋଜାଖୋଜି କଲାପରେ ମଧ୍ୟ ଝିଅର କୌଣସି ପତ୍ତା ପାଇନଥିଲେ। ଅନ୍ୟପଟେ ଘର ପଛପଟେ ଅପହୃତା ଝିଅର ପାଉଁଜି ଓ କିଛି ଭଙ୍ଗା ଚୁଡ଼ି ପଡ଼ି ରହିଥିବା ବେଳେ ଭୁଇଁରେ ଘୋଷଡ଼ା ଯାଇଥିବା ଦାଗ ରହିଛି। ତେଣୁ ଦୁର୍ବୃତ୍ତ ଜୋର ଜବରଦସ୍ତ ଅପହରଣ କରିନେଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡ଼ିଛି। ଫିରିଙ୍ଗିଆ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



# ଜି ଉଦୟଗିରି ବନାଞ୍ଚଳରେ ହାତୀ ଗଣନା ଆରମ୍ଭ



**ଜି.ଉଦୟଗିରି, ୨୩।୫(ସମିସ):** ସ୍ଥାନୀୟ ବନାଞ୍ଚଳ ଅନ୍ତର୍ଗତ କଳିଙ୍ଗା ସେକ୍ସନର କୂର୍ମୀଙ୍ଗିଆ ଅଞ୍ଚଳର ରେଡୁଡ଼ି ଅଞ୍ଚଳରେ ଉତ୍ତର ଘୁମୁସର ବନଖଣ୍ଡରୁ ୧୮ଟିକିଆ ହାତୀପଲ ଏକ ସପ୍ତାହ ଧରି ଉପସ୍ଥିତ ଜାହିର୍ କରିଥିବା ଚର୍ଚ୍ଚା ହେଉଥିବା ବେଳେ ଭୟଭୀତ ଥିଲେ ଅଞ୍ଚଳବାସୀ। ବନ ବିଭାଗ ତରଫରୁ ସତର୍କ ଦୃଷ୍ଟି ରଖିଥିବା ବେଳେ ଜଙ୍ଗଲକୁ ଯିବାକୁ ବାରଣ କରାଯାଇଛି। ଏହା ସହିତ ଡ୍ରୋନ କ୍ୟାମେରା ବ୍ୟବହାର କରି ଗତି ବିଧି ଲକ୍ଷ୍ୟ କରାଯାଉଛି। ମାତ୍ରାଧିକ ଗରମ ଓ ଆମ୍ବ, ପଣସ, କଦଳୀ ଆଦି ପ୍ରଚୁର ପରିମାଣରେ ମିଳୁଥିବା ଓ ଉତ୍ତର ଘୁମୁସର ବନଖଣ୍ଡ ଓ ଫୁଲବାଣୀ ବନଖଣ୍ଡର ବର୍ଡର ଏରିଆ ହେଉଥିବାରୁ ସେମାନେ ବର୍ତ୍ତମାନ ଫୁଲବାଣୀ ବନଖଣ୍ଡମୁହାଁ ହେଉଛନ୍ତି। ତେବେ ସଂଖ୍ୟା କେତେ ତାହା ଗଣନା ହୋଇଥିବା ବେଳେ ଏହା ୨୫ ଟିକିଆ ହାତୀପଲ୍ଲ ବୋଲି ଜଣାପଡ଼ିଛି। ଉକ୍ତ ୨୫ ଟିକିଆ ହାତୀପଲରେ ଦନ୍ତା ୬, ମାଇ ୧୩ ଓ ଶାବକ ୬ ଥିବା ବନପାଳ ରଶ୍ମିତା ବକ୍ସି କହିଛନ୍ତି।

# ବାଲ୍ ହେଲ୍ଥ ମେଳା

**ରାୟଗଡ଼, ୨୩।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ ଲାଇଲାଇ ଗ୍ରାମରେ ଦେଶାଇ ଫାଉଣ୍ଡେସନ୍ ସହାୟତାରେ ସିସିଡି ଅନୁଷ୍ଠାନ ପକ୍ଷରୁ ଶିଶୁମାନଙ୍କୁ ନେଇ 'ବାଲ୍ ହେଲଥ୍ ମେଳା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସୁନାମଣି ଦଳବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଦେଶାଇ ଫାଉଣ୍ଡେସନର ସାମାଜିକ କ୍ଲଷ୍ଟର ପର୍ଯ୍ୟବେକ୍ଷକ ଅନୂକ କାର୍ଜୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଗ୍ରାମରେ ଥିବା ୫ ବର୍ଷରୁ -୧୬ ବର୍ଷର ଛାତ୍ରଛାତ୍ରୀଙ୍କୁ ନେଇ 'ବାଲ ହେଲଥ ମେଳା' କାର୍ଯ୍ୟକ୍ରମରେ ଶିଶୁମାନେ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ କିପରି ଜାଗ୍ରତ ନେବେ, ପୁଷ୍ଟିହୀନତା ଓ ରକ୍ତହୀନତା, ବାଲ୍ୟ ବିବାହର କୁପରିମାଣ, ପରିବେଶ ସନ୍ତୁଳନ, ସ୍ୱାସ୍ଥ୍ୟ ପରିଷ୍କାର ଓ ପରିଚ୍ଛନ୍ନତା ଶିକ୍ଷା ସହ ଶିଶୁମାନେ ବୁଲି ବୁଲି ବିଭିନ୍ନ ଷ୍ଟଲ ବୁଲି ଦେଖି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରଯାଇଥିଲା। କାର୍ଯ୍ୟକ୍ରମରେ ୧୫୨ ଜଣ ଶିଶୁ ଭାଗ ନେଇଥିଲେ। ସଂସ୍ଥାର କର୍ମଚାରୀ ସହଯୋଗ କରିଥିଲେ।

# ଉନ୍ନତିକରଣ କାମ ପାଇଁ ଟ୍ରେନ୍ ବନ୍ଦ

**ପାରଳାଖେମୁଣ୍ଡି, ୨୩।୫(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ତଥା ନୌପଡ଼ା-ପାରଳାଖେମୁଣ୍ଡି-ଗୁଣୁପୁର ରେଳପଥରେ ଚଳାଚଳ କରୁଥିବା ସମସ୍ତ ଟ୍ରେନ୍ ଶୁକ୍ରବାର ଠାରୁ ଚଳିତ ମାସ ୨୭ ତାରିଖ ଅର୍ଥାତ ଚାରି ଦିନ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ୱାଲଟିୟର ଡିଭିଜନ ସୂତ୍ରରୁ ପ୍ରକାଶ କରାଯାଇଛି। ପାରଳାଖେମୁଣ୍ଡି ରେଳଷ୍ଟେସନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଇଲେକ୍ଟ୍ରିଫିକେସନ କାର୍ଯ୍ୟ, ଫୁଟ୍ ବ୍ରିଜ୍ର ନିର୍ମାଣ ଆଦି ଯୋଗୁଁ ଏହି ରେଳପଥରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିବା ବେଳେ ଆନ୍ଧ୍ରର ପୁଣ୍ଡି-ନୌପଡ଼ା, ନୌପଡ଼ା-କୋଟାବମାଳି ଆଦି ଠାରେ ଉନ୍ନତିକରଣ କାମ ଚାଲୁ ରହିବ। ଏଥିଯୋଗୁଁ ନୌପଡ଼ା-ପାରଳାଖେମୁଣ୍ଡି-ଗୁଣୁପୁର ରେଳପଥର ସମସ୍ତ ଟ୍ରେନକୁ ବାତିଲ କରାଯାଇଥିବା ବେଳେ ନୌପଡ଼ା ମୁଖ୍ୟ ରେଳ ପଥରେ ଚଳାଚଳ କରୁଥିବା କେତେକ ଟ୍ରେନକୁ ଯଥା ସିକେନ୍ଦ୍ରାବାଦ-ସାଲିମାର ଏବଂ ସିକେନ୍ଦ୍ରବାଦ-ସନ୍ତ୍ରାଗାଚି ଟ୍ରେନ୍ ଏହି ଚାରି ଦିନ ପାଇଁ ସମୟ ସାରଣୀ ପରିବର୍ତ୍ତନ କରାଯାଇଥିବାର ମଧ୍ୟ ଜଣାପଡ଼ିଛି। ତେବେ ରାଉରକେଲା-ପାରଳାଖେମୁଣ୍ଡି-ଗୁଣୁପୁର, ଗୁଣୁପୁର-ପାରଳାଖେମୁଣ୍ଡି-ରାଉରକେଲା, ପୁରୀ-ଗୁଣୁପୁର, ଗୁଣୁପୁର-ପୁରୀ ଟ୍ରେନ୍ ପଲାସା ରେଳଷ୍ଟେସନ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟ ସାରଣୀ ମଧ୍ୟରେ ଚାଲୁ ରହିବ ବୋଲି ରେଳବିଭାଗ ସୂତ୍ରରୁ ପ୍ରକାଶ। ସେହିପରି ବିଶାଖାପାଟଣା-ପାରଳାଖେମୁଣ୍ଡି-ଗୁଣୁପୁର ଏବଂ ଗୁଣୁପୁର-ପାରଳାଖେମୁଣ୍ଡି-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଚଳାଚଳକୁ ଚାରି ଦିନ ପାଇଁ ସମ୍ପୂର୍ଣ୍ଣ ଭାବେ ବାତିଲ ହୋଇଥିବାର ଜଣାପଡ଼ିଛି




ପାନୀୟ ଜଳ ଯୋଜନା ଅପହଞ୍ଚ

# ଡେରାକୁମ୍ଭାବାସୀଙ୍କୁ ନଦୀ ପାଣି ଭରସା

**ଫିରିଙ୍ଗିଆ, ୨୩।୫(ସମିସ)**

ବର୍ତ୍ତମାନ ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। କେଉଁଠି ଚୁଆ ପାଣି ଉପରେ ଲୋକେ ଭରସା କରୁଛନ୍ତି ତ କେଉଁଠି ନଦୀ ପାଣି ଉପରେ ଭରସା କରି ବର୍ଷତମାମ ଚଳୁଛନ୍ତି ଅନେକ ଗ୍ରାମବାସୀ। ଏମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଯେମିତି ସାତ ସପନ ପାଲଟିଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ସୁବିଧା ପହଞ୍ଚି ପାରିନାହିଁ। ଯାହାଦ୍ୱାରା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖରାଦିନରେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଗାଁ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଞ୍ଚାୟତ ୭ ନମ୍ବର ୱାର୍ଡ ଡେରାକୁମ୍ଭା ଗାଁ ନିକଟ ମଝି ସାହି ହରିଜନ ସାହିରେ। ଏହି ଗାଁ ଡେରାକୁମ୍ଭା ଗାଁ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗାଁଠାରୁ ଦୂରରେ ରହୁଛନ୍ତି ଏହି ଗାଁରେ ୬ଟି ଦଳିତ ପରିବାର। ଗାଁରେ ପାଣି ପାଇଁ ସେଭଳି କିଛି ବ୍ୟବସ୍ଥା ନଥିବାରୁ ବର୍ଷତମାମ ଗାଁରୁ କିଛି ଦୂରରେ ଥିବା ପାଟିଙ୍ଗ ନାଳରୁ ପାଣି ପିଇବା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହେଉଛି। ସେହିପରି ସୁନା ମୁଦି ନଦୀର ପାଣିରେ ଗାଧୋଉଥିବା କହିଛନ୍ତି ଗ୍ରାମବାସୀ। ଏବେ ନାଳ ମଧ୍ୟ ସୁଖି ଯାଇଥିବା ବେଳେ ନଦୀ ପାଣି ମଧ୍ୟ ଗୋଳିଆ ହୋଇ ପଡ଼ିଛି। ତେବେ ପାନୀୟ ଜଳର ଅନ୍ୟ କୌଣସି ଉତ୍ସ ନଥିବାରୁ ଗ୍ରାମବାସୀ ବାଧହୋଇ ସେହି ନଦୀ ପାଣି ବ୍ୟବହାର କରୁଛନ୍ତି। ପାଣି ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଫିରିଙ୍ଗିଆ ବିଡିଓ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଫଳ ହୋଇ ପାରିନାହିଁ। ତେଣୁ ତୁରନ୍ତ ଗାଁରେ ଏକ ନୂତନ ନଳକୂପ ନିର୍ମାଣ କରିବା ସହ ପିଇବା ପାଣି ଯୋଗାଇଦେବାକୁ ସମିତା ଦିଗାଲ, ଜୁମେଲୀ ଦିଗାଲ, ସନ୍ୟାସୀ ଦିଗାଲ, ଗୁରୁବନ ଦିଗାଲ, କିଶୋର ଦିଗାଲ, ଡମ୍ବୁରୁ ଦିଗାଲ ଓ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।



## ଜିଲ୍ଲା ଆଇନସେବା ପ୍ରାଧିକରଣର ପଦକ୍ଷେପ

# ବିଚାରାଧୀନ ମହିଳା କଏଦୀଙ୍କ ସନ୍ତାନଙ୍କୁ ଥଇଥାନ ଓ ଶିକ୍ଷା ସହାୟତା

**ଜୟପୁର,୨୩।୫(ସମିସ)**

ଦେଶର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜେଲରେ ଥିବା ବିଚାରାଧୀନ କଏଦୀମାନଙ୍କ ସନ୍ତାନମାନଙ୍କୁ ଥଇଥାନ ଓ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ପ୍ରଦାନ ନେଇ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଏବଂ ସଚିବ ସୁମନ ଜେନା ମିଳିତ ଭାବରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର କାରାଗାର ଜୟପୁର ପରିଦର୍ଶନ କରି ତଦାରଖ କରିଥିଲେ। କାରାଗାରର ରକ୍ଷଣାବେକ୍ଷଣ, ଖାଦ୍ୟ, ଜଳ,



ପରିମଳ ବ୍ୟବସ୍ଥାର ତଦାରଖ କରିବା ସହ କାରାଗାର ଆଇନ ସହାୟତା କେନ୍ଦ୍ର ପରିଦର୍ଶନ କରିଥିଲେ। ସମସ୍ତ ବିଚାରାଧୀନ ମହିଳା ଓ ପୁରୁଷ କଏଦୀମାନଙ୍କର ସମସ୍ୟା ନେଇ ପଚାରି ବୁଝିଥିଲେ। ଏହି ଗସ୍ତବେଳେ ଦେଓଗୁଡ଼ା ଗ୍ରାମର ଜଣେ ବିଚାରାଧୀନ ମହିଳା କଏଦୀଙ୍କ ୩ଟି ସନ୍ତାନ ମଧ୍ୟରୁ ଗୋଟିଏ ପୁଅ ଏବଂ ଦୁଇଟି ଝିଅ ବାପା-ମାଆଙ୍କ ଅନୁପସ୍ଥିତିରେ ନିଜ ଗ୍ରାମରେ ବହୁତ ମାନସିକ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ବୋଲି ମୌଖିକ ଭାବେ ଗୁହାରି କରିଥିଲେ। ନାବାଳିକା ଓ ନାବାଳକ ଛୁଆଙ୍କ ଭଲମନ୍ଦ ବୁଝିବାକୁ କେହି ନାହାନ୍ତି ଏବଂ ଅସହାୟ ଅବସ୍ଥାରେ ରହିଛନ୍ତି। ଜିଲ୍ଲାଜଜ୍ ତଥା ଅଧ୍ୟକ୍ଷ ଶ୍ରୀ ମିଶ୍ର ସ୍ୱତନ୍ତ୍ର କାରାଗାର ଅଧୀକ୍ଷକଙ୍କୁ ଉକ୍ତ ମହିଳା କଏଦୀ ଦରଖାସ୍ତ ଗ୍ରହଣ କରିବା ସହିତ ଇ-ମେଲ୍ ମାଧ୍ୟମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ନିକଟକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜେଲ୍ ଅଧୀକ୍ଷକ ତୁରନ୍ତ ଜିଲ୍ଲା ଜଜଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା କାର୍ଯ୍ୟକାରୀ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀ ଜେନା ଉକ୍ତ ଦରଖାସ୍ତ ଅନୁଯାୟୀ, ମହିଳା କଏଦୀଙ୍କ ଛୁଆମାନଙ୍କ ଥଇଥାନ ଓ ଶିକ୍ଷା ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲ୍ଲା ଶିଶୁ ଶୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଏବଂ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର ପଦକ୍ଷେପ ଗ୍ରହଣ କରି କିଛି କର୍ମଚାରୀ ସହିତ ଶିଶୁମାନେ ରହୁଥିବା ଗ୍ରାମ ଦେଓଗୁଡ଼ା ଯାଇ ଶିଶୁମାନଙ୍କୁ ଉଦ୍ଧାର କରିବା ସହିତ ଜିଲ୍ଲା ସଦର ମହକୁମାର ଆସ୍ଥା ଶିଶୁ ଯତ୍ନ ଗୃହରେ ଥଇଥାନ ବ୍ୟବସ୍ଥା କରିଛନ୍ତି। ଏଥିସହ ସେମାନଙ୍କ ଖାଇବା, ରହିବା ଏବଂ ଶିକ୍ଷା ଗ୍ରହଣର ମଧ୍ୟ ବ୍ୟବସ୍ଥା କରିଥିଲେ।

---

**● ଫ୍ୟାନ୍ସି ଦୋକାନରେ ଅଗ୍ନିକାଣ୍ଡ**

# ୨ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ପାଉଁଶ



**ସେମିଳିଗୁଡ଼ା,୨୩।୫(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରେ ଥିବା ନନ୍ଦପୁର ରୋଡ୍ ସ୍ଥିତ ନର୍ସରୀ ନିକଟରେ ଥିବା ଡିଜେ ଫ୍ୟାନ୍ସି ୱାର୍ଲ୍ଡ ଦୋକାନରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଫ୍ୟାନ୍ସି ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୋକାନ ମାଲିକ ଧନେଶ୍ୱର ଜାନି ଦୋକାନ ବନ୍ଦ କରି ଘରକୁ ବାହାରୁଥିବା ବେଳେ ହଠାତ୍ ଦୋକାନ ଭିତରୁ ଏକ ଶବ୍ଦ ଶୁଣାଯାଇଥିଲା। ପରେ ଦୋକାନ ଭିତରୁ ଧୂଆଁ ବାହାରିବା କିଛି ଲୋକ ଦେଖି ମାଲିକ ଧନେଶ୍ୱରଙ୍କୁ ସୂଚନା ଦେଇଥିଲେ। ସେ ପହଞ୍ଚି ଦୋକାନ ଖୋଲିବା ବେଳକୁ ଦୋକାନ ଭିତରେ ନିଆଁ ଲାଗି ଜିନିଷପତ୍ର ଜଳୁଥିବା ଦେଖିବାକୁ ପାଇଥିଲେ। କେତେଜଣ ସ୍ଥାନୀୟ ଲୋକ ଏବଂ ପରିବାର ଲୋକ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ସାର୍ଟସର୍କିଟରୁ ଏପରି ହୋଇଥିବା କୁହାଯାଉଛି। ଅଗ୍ନିକାଣ୍ଡରେ ଇନଭର୍ଟର, ଫ୍ରିଜ୍ ଓ ବହୁ ମୂଲ୍ୟବାନ୍ ଜିନିଷ ପୋଡ଼ିଯାଇଛି। ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି।

---

# ଅଧାରେ ଅଟକିଛି ରାସ୍ତା ନିର୍ମାଣ କାର୍ଯ୍ୟ



**ଗୁଣୁପୁର,୨୩।୫(ସମିସ):** ପୌର ପରିଷଦ ଅଧୀନସ୍ଥ ୧୯ ନମ୍ବର ୱାର୍ଡ ବାଣୀଶ୍ରୀ ବିହାର ରାସ୍ତା କାମ ଅଧାରେ ଅଟକି ରହିଛି। ଠିକାଦାର ଜଣକ କାର୍ଯ୍ୟାଦେଶ ପାଇବାର ଢେର୍ ଦିନ ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ଫେବୃଆରୀ ପ୍ରଥମ ସପ୍ତାହରୁ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ଅଧାରେ ଅଟକି ରହିଛି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ପ୍ରୟାସ ବି କରାଯାଉ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳର ଏକ ମାତ୍ର ରାସ୍ତା ଉପରେ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ବ୍ୟବସାୟୀଙ୍କ ସମେତ ୫ ଖଣ୍ଡ ସାହିର ଲୋକେ ନିର୍ଭର କରିଥାନ୍ତି। ତେବେ ଅସଜଡ଼ା ହୋଇ ପଡ଼ିରହିଥିବା ଅର୍ଦ୍ଧନିର୍ମିତ ରାସ୍ତାରେ ଅତି ବିପଦ ଭାବେ ଚଳପ୍ରଚଳ କରିବାକୁ ବାଧ ହେଉଛନ୍ତି। ଜରୁରୀ କ୍ଷେତ୍ରରେ ଅଟୋ କିମ୍ବା ବାଇକ୍ ଚଳାଚଳ ମଧ୍ୟ କରିବାରେ ମୁସ୍କିଲ ହୋଇ ପଡୁଛି। ଏପରିକି ଏହି ରାସ୍ତା ଦେଇ କୌଣସି ଗାଡ଼ି ଗଲେ ଦୁର୍ଘଟଣା ମଧ୍ୟ ଘଟୁଛି। ସୂଚନାଯୋଗ୍ୟ ଯେ, ଅଞ୍ଚଳର ଜନସାଧାରଣଙ୍କ ସୁବିଧା ନିମନ୍ତେ ପୌର ପରିଷଦ ପକ୍ଷରୁ ଟେଣ୍ଡର ମାଧ୍ୟମରେ ପେଭର

### ତୁରନ୍ତ ଶେଷ କରାଯିବାକୁ ଦାବି

ବ୍ଲକ୍ ରାସ୍ତା କାର୍ଯ୍ୟ କରାଯିବାକୁ ଯୋଜନା ହୋଇଛି। ଠିକାଦାର ନିର୍ଦ୍ଧାରିତ ସମୟ ମଧ୍ୟରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସହମତି ପ୍ରକାଶ କରି କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ରାସ୍ତାର ଉଭୟ ପଟେ ଗାର୍ଡୱାଲ ନିର୍ମାଣ କରି ବାଲି ପ୍ୟାକିଂ କରି ଅଧାରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଯଦ୍ୱାରା ଆଣ୍ଠୁଏ ବାଲିରେ ଲୋକେ ଚଳାଚଳ କରିବାକୁ ବାଧ ହୋଇ ପଡୁଛନ୍ତି। ପୌରଯନ୍ତ୍ରୀଙ୍କ ବହୁବାର ତାଗିଦ ସତ୍ତ୍ୱେ ଠିକାଦାର ଜଣକ ନିରବଦ୍ରଷ୍ଟା ସାଜିଛନ୍ତି। ଯଦ୍ୱାରା ଦୈନନ୍ଦିନ ହଜାର ହଜାର ଲୋକ ଚଳପ୍ରଚଳ କରିବାରେ ବାଧା ଉପୁଜିଛି। ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କୁ କଡ଼ା ତାଗିଦ କରାଯାଇ ବର୍ଷା ଦିନ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଭଳି ଖିଲାପକାରୀ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବାକୁ ମଧ୍ୟ କ୍ଷୋଭର ସହ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ନଚେତ୍ କାର୍ଯ୍ୟାଦେଶ ରଦ୍ଦ କରି ନୂତନ ଟେଣ୍ଡର କରାଯିବାକୁ ଲୋକେ ଅଡ଼ିବସିଛନ୍ତି।

---

# ଅମ୍ବାଦଳାଠାରେ ବୁଦ୍ଧ ମୂର୍ତ୍ତି ଓ ବାବା ସାହେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ମୁନିଗୁଡ଼ା,୨୩।୫(ସମିସ):**

ଗୁରୁବାର ବୁଦ୍ଧ ପୂର୍ଣ୍ଣିମା ଅବସରରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସମ୍ବିଧାନ ସୁରକ୍ଷା ସମିତି ସଦସ୍ୟଙ୍କ ଦୀର୍ଘ ଦିନର ପ୍ରଚେଷ୍ଟାରେ ବିଶ୍ୱଶାନ୍ତିର ବାର୍ତ୍ତାବହ ମହା କାରୁଣିକ ମହାମାନବ ବୁଦ୍ଧ ଭଗବାନଙ୍କ ମୂର୍ତ୍ତି ସ୍ଥାପନ ସହ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଚଞ୍ଚଳା ମାଝୀ ଯୋଗଦେଇ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭୀମ ଆର୍ମି ସଦସ୍ୟ ଓ ଅମ୍ବାଦଳା ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପଦଯାତ୍ରାରେ ଅମ୍ବାଦଳା ସହର ପରିକ୍ରମା



କରିଥିଲେ। ବିଭିନ୍ନ ପାରମ୍ପରିକ ବାଦ୍ୟ ନୃତ୍ୟରେ ଅମ୍ବାଦଳା ସହର ପରିକ୍ରମା କରିଥିଲେ। ଜୟ ଭୀମ ନାରାରେ ପ୍ରକମ୍ପିତ ହେଉଥିଲା ପୂରା ସହର। ଏହି ପଦଯାତ୍ରା ଅମ୍ବାଦଳା ଷ୍ଟାଚ୍ୟୁ ଛକରୁ ବାହାରି ଅମ୍ବାଦଳା ସହର ପରିକ୍ରମା କରିବା ସହ ଶାନ୍ତି ଛକ ଦେଇ ପୁଣି ଷ୍ଟାଚ୍ୟୁ ଛକରେ ପହଞ୍ଚିଥିଲେ। ପରେ ଏକ ବିଶାଳ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚଞ୍ଚଳା ମାଝୀ ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବରେ କବି ବାସୁଦେବ ସୁନାନୀ, ବକ୍ତା ଭାବେ ଆଡଭୋକେଟ୍ ଅଭି ପଲକା, ସମ୍ମାନିତ ଅତିଥି ଭାବେ ଶ୍ରୀବସ୍ଯ ତାଣ୍ଡି, ଆଶିଷ ରଞ୍ଜନ ନାୟକ, ଉପେନ୍ଦ୍ର ନାୟକ ଯୋଗଦେଇଥିଲେ। ଅତିଥିମାନେ ଅଞ୍ଚଳବାସୀଙ୍କୁ ସଂଗଠିତ ହୁଅ, ସଂଘର୍ଷ କରିବା ସହ ଓ ଶିକ୍ଷିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମ୍ବାଦଳା ସମ୍ବିଧାନ ସୁରକ୍ଷା ସମିତି ସଦସ୍ୟ କୃପାସିନ୍ଧୁ ସୁନା ପରିଚାଳନା କରିଥିବାବେଳେ ମଳୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବିଧାନ ସୁରକ୍ଷା ସମିତି ସଦସ୍ୟ ସୁଶିଲ ସିଂ, ପ୍ରଭାକର ବାଗ, ଯୀଶୁ କରକରିଆ, ବେଣୁଧର କୁସୁଲିଆ, ରାଜୀବ ସୁନା, ଜସନ୍ ନାୟକ, କୈବଲ୍ୟ, ବୈବ, ରାଜା, ଅଜୟ, ପୁଷ୍କର, ରାମବାବୁ, ବାବୁ ଅନିଲ, ମଣ୍ଟୁ, କର୍ପୂର, ଅନଙ୍ଗ, ଗୌର, ରଞ୍ଜନ, ଦିନେଶ, ଦକ୍ଷ କରକରିଆ, ଉମେଶ, ଆନନ୍ଦ ଟାକ୍ରୀ, ସଚିନ, ପ୍ରଭଞ୍ଜନ, ଅର୍ଣ୍ଣବ, ରାମ ପ୍ରକାଶ, ଗରିବ ଟାକ୍ରି, ଭଗବାନ କରକରିଆ, ପଞ୍ଚାନନ କରକରିଆ, ସୁନାସିର, ଆବର୍ତ୍ତ ବାଗ, ମାର୍କଣ୍ଡ କୁଶୁଲିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବାବେଳେ ନିମନ୍ତ୍ରିତ ଅତିଥି ଭାବେ ନୀଳାମ୍ବର ବିଭାର, ଅନଙ୍ଗ ନାଗ, ରମେଶ ପାଲକା, ସୁରେଶ ଖୋସଲା ପ୍ରମୁଖ ସହଯୋଗ କରିଥିଲେ।

---

# ପିକ୍ଅପ୍ ଭ୍ୟାନ୍ ସହ ବାଇକ୍ ଧକ୍କା; ଯୁବକ ଗୁରୁତର

**କଲ୍ୟାଣସିଂହପୁର,୨୩।୫(ସମିସ):**



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଓ କାଶୀପୁର ବ୍ଲକ୍ ସୀମାନ୍ତ ଜେରକା ନିକଟସ୍ଥ କଣ୍ଡାକୁରାଠାରେ ପିକ୍ଅପ୍ ଭ୍ୟାନ ସହ ମୋଟର ସାଇକଲ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏନେଇ କଲ୍ୟାଣସିଂହପୁର ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ଘଟଣାସ୍ଥଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଛାଡ଼ିଦେଇ ସହଯୋଗୀମାନେ ଫେରାର୍ ହୋଇଯାଇଛନ୍ତି।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଅଧୀନସ୍ଥ ବାତେରପଡ଼ା ଗ୍ରାମର ସିନିବାବୁ ସାହୁ(୫୮), ପାଇକ ଥୁଆଗୁଡ଼ା ଗାଁର ମକରନ୍ଦ ପୂଜାରୀ, ଟଙ୍କଧର ସାହୁ ତିନି ଜଣ ଗତ ୧୬ ତାରିଖରେ ଏକ ମୋଟର ସାଇକଲରେ ଆସୁଥିବାବେଳେ ଶିକରପାଇ ଦେଇ ଲୁହାବୋଝେଇ ହୋଇ ଯାଉଥିବା ଏକ ପିକ୍ଅପ୍ ଭ୍ୟାନ ସହ କଣ୍ଡାକୁରା ଛକରେ ଧକ୍କା ହୋଇଥିଲା। ଫଳରେ ବାଇକରୁ ତିନି ଜଣଯାକ ପଡ଼ି ଯାଇଥିଲେ। ମଝିରେ ବସିଥିବା ସିନିବାବୁ ସାହୁଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଥିବାବେଳେ ଘଟଣାସ୍ଥଳରୁ ବାଇକ୍ ଚାଳକ ଟଙ୍କଧର ସାହୁ ଓ ମକରନ୍ଦ ପୂଜାରୀ ଫେରାର୍ ହୋଇଯାଇଥିଲେ। ଉକ୍ତ ଖବର ପାଇ ସିନିଙ୍କ ପୁଅ ପ୍ରମୋଦ ଆସି ତାଙ୍କୁ ତୁରନ୍ତ ରାୟଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଖବର ଜାଣି ଗାଡ଼ି ମାଲିକ ଚିକିତ୍ସା ପାଇଁ ୫ହଜାର ଟଙ୍କା ସହାୟତା ଦେଇଥିଲେ। ରାୟଗଡ଼ା ମେଡିକାଲରେ ଗୋଟିଏ ଦିନ ଧରି ରହିବା ପରେ ଅବସ୍ଥା ଗୁରୁତର ହୋଇଥିବାରୁ ଡାକ୍ତର ବ୍ରହ୍ମପୁର ଏମକେସିଜି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରୁ ଦୁଇଦିନ ପରେ ବିଶାଖାପାଟଣାର ଏକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସମସ୍ତ ପରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିହେବ ନାହିଁ ବହୁତ ଅସୁବିଧା ହେବ, ତାଙ୍କ ଦେହର ରକ୍ତ ସବୁ ଚାଲିଯାଇଛି ବୋଲି କହିବାରୁ ଗତ ୨୧ ତାରିଖରେ ଘରକୁ ଫେରାଇ ଆଣିଥିବା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହାର ପ୍ରକୃତ ତଦନ୍ତ କରି ଦୋଷୀକୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୁର୍ଘଟଣା ପରେ ପୁଲିସ ଖବର ପାଇ ସମ୍ପୃକ୍ତ ଗାଡ଼ିକୁ ଜବତ କରି ଥାନାରେ ରଖିଛି। କିନ୍ତୁ ଗାଡ଼ିରେ ଲୁହା ଛଡ଼ ନ ଥିବା ଅଭିଯୋଗକାରୀ କହିଛନ୍ତି। ଗାଡ଼ି ମାଲିକ ମଧ୍ୟ କୌଣସି ସାହାଯ୍ୟ କରି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ସେ କହିଲେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତଦନ୍ତ ଚାଲିଛି। ବାଇକ୍ ନମ୍ବର ମିଳିଲେ ମାମଲା ରୁଜୁ କରାଯିବ।

---

# ଚେତିଲେ କର୍ତ୍ତୃପକ୍ଷ; ସଜଡ଼ାଗଲା ଏଟିଏମ୍ ମେସିନ୍



**ଏମଭି୭୯,(ସମିସ) ୨୩।୫:** 'ସକାଳ' ଖବରକାଗଜର ମହା ପ୍ରଭାବ। ଚେତିଲେ ବ୍ୟାଙ୍କ କର୍ତ୍ତୃପକ୍ଷ, ସଜଡ଼ାଗଲା ଏଟିଏମ୍ ମେସିନ। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମଭି ୭୯ ମୁଖ୍ୟ ଛକଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ୍ ମେସିନ୍ ଅଚଳ ହୋଇ ପଡ଼ିରହିଥିଲା। ଏ ସମ୍ପର୍କିତ ଖବର ଗୁରୁବାର 'ସକାଳ' ଖବରକାଗଜରେ ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏଟିଏମ୍ ସଜାଡ଼ିବା ପାଇଁ ଗୁରୁବାର ବ୍ୟାଙ୍କ କର୍ତ୍ତୃପକ୍ଷ ଆସି ସଜାଡ଼ିଥିବା ଦେଖିବା ପାଇଁ ମିଳିଛି।

**'ସକାଳ' ପ୍ରଭାବ**

ଏହି ଏଟିଏମ୍ ମେସିନ୍ ଏକ ସପ୍ତାହରୁ ଅଧିକ ଦିନ ଖରାପ ହୋଇ ପଡ଼ି ରହିଥିବାବେଳେ ଆଖପାଖ ଅଞ୍ଚଳଗୁଡ଼ିକରେ ଥିବା ଅନେକ ବ୍ୟବସାୟୀ ଓ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏମଭି ୭୯ରେ ଥିବା ଷ୍ଟେଟ ବ୍ୟାଙ୍କର ଏକମାତ୍ର ଏଟିଏମ୍ ଥିବାବେଳେ ଏହା ଆଜକୁ ପ୍ରାୟ ସପ୍ତାହେ ହେବ କାମରେ ଆସୁ ନ ଥିବା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାରେ କେତେବେଳେ ଟଙ୍କା ରହୁନାହିଁ ତ ଆଉ କେତେବେଳେ ମେସିନର କିଛି ସମସ୍ୟା ଯୋଗୁଁ ଏଠାକାର ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଥିଲା। ଗୁରୁବାର ଏହି ଏଟିଏମ୍ ମେସିନଟି ଠିକ୍ ହୋଇଥିବାବେଳେ ସବୁ ଗ୍ରାହକ ଖୁସି ହେବା ସହ 'ସକାଳ' ଖବରକାଗଜକୁ ଧନ୍ୟବାଦ ଦେଇଥିଲେ।

---

# ସେମିଳିଗୁଡ଼ାରେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସେମିଳିଗୁଡ଼ା,୨୩।୫(ସମିସ):** ଗୁରୁବାର ବୁଦ୍ଧ ପୂର୍ଣ୍ଣିମାରେ ଉନ୍ମୋଚିତ ହୋଇଛି ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି। କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୦ ନମ୍ବର ୱାର୍ଡରେ ଥିବା ନନ୍ଦପୁର ରାସ୍ତା ସରସ୍ୱତୀ ଶିଶୁ ବାଟିକା ନିକଟରେ ବୁଦ୍ଧ ପୂର୍ଣ୍ଣିମା ଦିବସରେ ସୁନାବେଡ଼ା ପୌର ପରିଷଦ ଦ୍ୱାରା ନିର୍ମିତ ଗୌତମ ବୁଦ୍ଧ ମୂର୍ତ୍ତିକୁ ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଉନ୍ମୋଚନ କରିଛନ୍ତି। ନଡ଼ିଆ, କଦଳୀ, ଧୂପ ଦେଇ ବୁଦ୍ଧ ଦେବଙ୍କ ପ୍ରତିମୂର୍ତ୍ତିକୁ ପୂଜା କରିଥିଲେ। 'ମୁକ୍ତା' ଯୋଜନାରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ଏବଂ ୱାଟର ଫାଉଣ୍ଟେନକୁ ନିର୍ମିତ କରିଥିବା ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରଜ୍ଞାମୟୀ ନାୟକ, ଶଙ୍କର ବିଲେଇ ପଡ଼ିଆ, ରବୀନ୍ଦ୍ର କୁମାର ପ୍ରଧାନ, ମନୋଜ ସୁନା, ରାମ ବେନିଆ, ବୁଦ୍ରୀ ଆଳଂପଡ଼ିଆ, ମମତା ରାୟ ଓ ସୁରେନ୍ଦ୍ର ସେଠୀ ଯୋଗଦେଇ ପୁଷ୍ପ ଅର୍ପଣ କରି ଅଞ୍ଚଳର ସାମୂହିକ ଶାନ୍ତି ପାଇଁ କାମନା କରିବା ସହ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନରେ ସହଯୋଗ



କରିଥିଲେ। ଏକ ସୁନ୍ଦର ପରିବେଶରେ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ସ୍ଥାପନ ହୋଇଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପରିଲକ୍ଷିତ ହେଉଛି।

---

# ନିୟମଗିରିରେ ବିଜୁଳି ସାତସପନ; ପ୍ରଶାସନର ନଜର ପଡୁନି

**କଲ୍ୟାଣସିଂହପୁର,୨୩।୫(ସମିସ):** ନିୟମଗିରି ଅଞ୍ଚଳରେ ବିଜୁଳି ବ୍ୟବସ୍ଥା ସାତ ସପନ ହୋଇଥିବା ବେଳେ ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ଦେଖିବାକୁ ମିଳିଛି। ଡିକେଡିଏ ସଂସ୍ଥା ନିୟମଗିରିରେ କାର୍ଯ୍ୟ ଆରମ୍ଭ କରି ଆନୁମାନିକ ପ୍ରାୟ ୩୦ ବର୍ଷ ହେବ ଡଙ୍ଗରିଆଙ୍କୁ ଉନ୍ନତି ନାମରେ କୋଟି କୋଟି ଟଙ୍କା ବ୍ୟୟ କଲା, କିନ୍ତୁ ବିଦ୍ୟୁତ୍ ବ୍ୟବସ୍ଥାକୁ ଭୁଲିଗଲା। ଆଜି ପର୍ଯ୍ୟନ୍ତ ନିୟମଗିରି ଅଞ୍ଚଳରେ ବିଦ୍ୟୁତ୍ ଆଲୁଅ ଦେଖିପାରି ନାହାନ୍ତି ଡଙ୍ଗରିଆ। ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ମାଓପ୍ରବଣ ଅଞ୍ଚଳ ପାର୍ଶାଲି ପଞ୍ଚାୟତ ନିୟମଗିରି ଅଞ୍ଚଳରେ। ଯାହାଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି; ହେଲେ ଉକ୍ତ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ନାହିଁ।



ନିୟମଗିରି ଅଞ୍ଚଳର ଉନ୍ନତି ନାମରେ ଡିକେଡିଏ ୩୦ ବର୍ଷ ଲୁଟିଥିବାବେଳେ ୮ ବର୍ଷ ହେବ ଓପିଲିପି କାମ କରୁଛି ସେହି ନିୟମଗିରିରେ। ଡଙ୍ଗରିଆଙ୍କ ନିରୀହତା ଦେଖି ଯିଏ ନାହିଁ ସିଏ ପସି ଲୁଟିବାରେ ଲାଗିଛନ୍ତି। ଏହି ନିୟମଗିରି ଅଞ୍ଚଳରେ ବ୍ଲକ୍ ପ୍ରଶାସନ, କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ପଡୁ ନ ଥିବା ଜଣାପଡୁଛି। ଯଦିଓ ପ୍ରଶାସନର ଦୃଷ୍ଟି ପଡ଼ିଥାନ୍ତା ତାହେଲେ ଲାଖପର, ପଟାଙ୍ଗପଦର, ଡଙ୍ଗାମାଟି, ଲାମ୍ବା, ଗୁମା, ନିଶିଖାଳ, କଲଟିପଦର, ଫାକେରି, ବଙ୍ଗାପଡ଼ି, ଟାଡୁମୁହିଁ, କୃସୁମୁହିଁ, ବେମେରି, ତେନ୍ତୁଳିପଦର, ପାରାମାଲି, ଟେବାପଡ଼ା, ପାଞ୍ଚକୋଡ଼ି ଓ କାଡ୍ରାକା ବଣ୍ଡେଲ ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ଦେଖିବାରେ ବଞ୍ଚିତ ରହିଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁ ନ ଥିବା ଡ୍ରିଞ୍ଜୁ କାଡ୍ରାକା, ଲଦ ସିକକା ଓ ଡ୍ରିକା କାଡ୍ରାକା କହିଛନ୍ତି। ପ୍ରଶାସନ ଆସୁଛି ଖାଲି ପ୍ରତିଶ୍ରୁତି ଦେଉଛି କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରୁନି ବୋଲି ଅଭିଯୋଗ ହେଉଛି।

# ମା’ ଅଗ୍ନିଗଙ୍ଗାମା ଠାକୁରାଣୀଙ୍କ ଘଟଯାତ୍ରା ଶେଷ; ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼





**ରାୟଗଡ଼ା,୨୩।୫(ସମିସ):** ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଗାଜିଗାଁ ପଞ୍ଚାୟତର ଗାଜିଗାଁ ଓ ଚମ୍ପିକୋଟାରେ ନଅ ଦିନ ଧରି ଚାଲିଥିବା ଅଗ୍ନିଗଙ୍ଗାମା ଠାକୁରାଣୀଙ୍କ ଘଟଯାତ୍ରା ବୁଧବାର ଉଦଯାପିତ ହୋଇଯାଇଛି। ମା’ ଅଗ୍ନିଗଙ୍ଗାମାଙ୍କ ଘଟଯାତ୍ରା କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଏକ ପ୍ରସିଦ୍ଧ ଯାତ୍ରା ରୂପେ ପାଳନ କରାଯାଇଥାଏ। ପ୍ରଥମେ ଏହା କୋରାପୁଟ ଜିଲ୍ଲା ସ୍ଥିତ ବନ୍ଧୁଗାଁ ବ୍ଲକର ନିଲାବାଡ଼ିଠାରେ ମା’ ଅଗ୍ନିଗଙ୍ଗାମାଙ୍କ ମୁଖ୍ୟ ମନ୍ଦିର ରହିଛି। ତେଣୁ ପ୍ରଥମେ ଏଠାରେ ୯ ଦିନ ଧରି ମହାଆଡ଼ମ୍ବର ସହ ମା’ଙ୍କ ଯାତ୍ରା ପାଳନ କରାଯାଏ। ଏଠାକୁ ଯାତ୍ରା ସମୟରେ ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସି ମା’ଙ୍କୁ ଦର୍ଶନ କରିଥାନ୍ତି। ଏହା ପରେ କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମରେ ମା’ଙ୍କର ଏହି ଘଟଯାତ୍ରା ପାଳନ କରାଯାଇଥାଏ। ସେହି ଅନୁସାରେ ଗତ ୯ ଦିନ ଧରି ଗାଜିଗାଁ ଗ୍ରାମରେ ମା’ ଅଗ୍ନିଗଙ୍ଗାମା ଯାତ୍ରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ଆରମ୍ଭ ହୋଇ ବୁଧବାର ଏହି ଯାତ୍ରା ଉଦଯାପିତ ହୋଇଯାଇଛି।

ବିଶେଷ କରି ଏହି ଠାକୁରାଣୀଙ୍କ ପୂଜାର୍ଚ୍ଚନା ଆଦିବାସୀ ସମ୍ପ୍ରଦାୟର ଲୋକମାନେ କରିଥାନ୍ତି। ଚଳିତ ଏହି ଘଟଯାତ୍ରାରେ ନିଆଁମଡ଼ା, ଦୋଳି ଝୁଲିବା, ବାଘ ନାଚ ଓ ମା’ କାଳୀଙ୍କ ବେଶରେ ନାଚ ମୁଖ୍ୟ ଆକର୍ଷଣ ରହିଥିଲା। ଧାନ ଅମଳ ପରେ ଗାଁର ପୂଜା କମିଟି ସହ ଗାଁର ସବୁ ବର୍ଗର ଲୋକେ ଏକ ବୈଠକ କରି ଏହି ଯାତ୍ରା ପାଇଁ ସମସ୍ତ ନିଷ୍ପତ୍ତି ନେଇଥାନ୍ତି। ସେହିଦିନଠାରୁ ଏହି ଯାତ୍ରାର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଗ୍ରାମର ବଡ଼ ସାହିରେ ଚାମୁଣ୍ଡା ତିଆରି କରିବା ସହ ସେଠାରେ ମା’ଙ୍କ ଅସ୍ଥାୟୀ ମନ୍ଦିର ସ୍ଥାପନ କରି ଗ୍ରାମର ଚାରି ଦିଗରୁ ମାଟି ଆଣିବା ସହ ମା’ଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଏହି ଗ୍ରାମ ମଝିରେ ଅସ୍ଥାୟୀ ମନ୍ଦିରରେ ମା’ଙ୍କୁ ସ୍ଥାପନ କରାଯାଏ। ମଙ୍ଗଳବାର ମା’ ବିଶ୍ରାମ ନେଇଥାନ୍ତି। ବୁଧବାରଠାରୁ ପାଲଜାଙ୍ଗିଡ଼ି ଏବଂ ତିନିଟି ଘଟ ଘର ଘର ବୁଲିବା ସମୟରେ ସମସ୍ତେ ମା’ଙ୍କୁ ହଳଦୀ ପାଣିରେ ଗୋଡ଼ ଧୋଇ ଖଟରେ ବସାଇ ଦହିପଣା ଦେଇ ଅତି ଆଦରର ସହ ପୂଜା ପାଆନ୍ତି। ଶେଷ ଦିନରେ ଏହି ମନ୍ଦିର ନିକଟରୁ ଆଗାମୀ ଚାଷ ପାଇଁ ଚାଷୀମାନଙ୍କୁ ବିହନ ବଣ୍ଟନ କରାଯାଇଥାଏ। ଏହି ଘଟଯାତ୍ରା ସମୟରେ ଗାଁର ସମସ୍ତ ପରିବାର, ବନ୍ଧୁବାନ୍ଧବ ସବୁ ଏକାଠି ହୋଇ ମହାଆଡ଼ମ୍ବରରେ ମା’ ଅଗ୍ନିଗଙ୍ଗାମାଙ୍କ ଯାତ୍ରାକୁ ପାଳନ କରିଥାନ୍ତି। ବୁଧବାର ଉଦଯାପନୀ ଦିନ ମା’ ନିଜ ମନ୍ଦିରକୁ ପ୍ରସ୍ଥାନ କରିଛନ୍ତି। ମା’ଙ୍କ ଏହି ବିଦାୟ ସମୟରେ ସମସ୍ତ ଶ୍ରଦ୍ଧାଳୁ ମା’ଙ୍କୁ ନେଇ ମନ୍ଦିରରେ ଛାଡ଼ି ପୂଜାର୍ଚ୍ଚନା କରିଛନ୍ତି।

# ମାଲକାନଗିରିରେ ବୁଦ୍ଧ ଜୟନ୍ତୀ ପାଳିତ



**ମାଲକାନଗିରି,୨୩।୫(ସମିସ):** ମାଲକାନଗିରି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳଙ୍କ ନେତୃତ୍ୱ ଓ ସଭାପତି ଜାରାଶବର ମାଡ଼ିଙ୍କ ସଭାପତିତ୍ୱରେ ତଥାଗତ ଭଗବାନ ବୁଦ୍ଧଙ୍କ ୨୫୮୬ତମ ଜୟନ୍ତୀ ମାଲକାନଗିରି ସଦର ମହକୁମା କୁମୁଟିଗୁଡ଼ା ନିକଟସ୍ଥ ଆଦିବାସୀ କଲୋନୀରେ ପାଳନ ହୋଇଯାଇଛି। ସଭା ପ୍ରାରମ୍ଭରେ ବୁଦ୍ଧଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କଲାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ପୂର୍ବତନ ପ୍ରଶାସନିକ ଅଧିକାରୀ ରଥିକୃଷ୍ଣ ପାତ୍ର, ମୁଖ୍ୟବକ୍ତା ଆଇନଜୀବୀ ଭୂଦେବ ମହାନନ୍ଦିଆ ଓ ମୁଖ୍ୟ ଉପଦେଷ୍ଟା ଭାବେ ପ୍ରଭାକର ହନ୍ତାଳ ଯୋଗଦେଇ ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ, ଅହିଂସା ଓ ମାନବତାର ଶିକ୍ଷା ପ୍ରଦାନ କରିଥିବା ମହାକାରୁଣିକ ବୋଦ୍ଧିସତ୍ୱ ମହମାନବ ତଥାଗତ ଭଗବାନ ବୁଦ୍ଧଙ୍କ ଜୀବନୀ ଓ ପଞ୍ଚଶୀଳ ନୀତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ଅତିଥିମାନେ ମାଲକାନଗିରି ବସଷ୍ଟାଣ୍ଡରେ ଥିବା ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସନୁ ଅନୁଗୁ, ସଭା ପରିଚାଳନା କରିଥିବାବେଳେ ଶତାଧିକ ମହିଳା ପୁରୁଷଙ୍କ ସମେତ ଦଶରଥ ମାଡ଼କାମୀ, ଟୁନା ପଡ଼ିଆମି, ଉମେଶ ଜାନି, ପିତବାସ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# କୁଡୁମୁଲୁଗୁମ୍ମା ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଚନ୍ଦନ ଯାତ୍ରା

**ମାଲକାନଗିରି,୨୩।୫(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ କୁଡୁମୁଲୁଗୁମ୍ମା ସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଠାକୁର ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ତେବେ ନୃସିଂହନାଥଙ୍କ ଜନ୍ମୋତ୍ସବ ଅବସରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ମନୋଜ ମିଶ୍ର ଓ ରମେଶ ଚନ୍ଦ୍ର ରଥଙ୍କ ମିଳିତ ସହଯୋଗରେ ସକାଳୁ ମହାପ୍ରଭୁଙ୍କୁ ପଞ୍ଚାମୃତ ମହାସ୍ନାନ କରି ସାରିବା ପରେ ଠାକୁରଙ୍କୁ ନୂଆ ଲୁଗା ଓ ମୂର୍ତ୍ତି ଅଳଙ୍କାର ଲାଗି ସୁସଜ୍ଜିତ କରିଥିଲେ। ଦ୍ୱିପହର ସମୟରେ ନୃସିଂହ ଠାକୁରଙ୍କ ପୂଜାର୍ଚ୍ଚନା ସହ ହୋମଯଜ୍ଞ ନୀତି ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଧୂପ ନୀତି ବଢ଼ିବା ପରେ ମନ୍ଦିରର ଚାରିଜଣ ସେବାୟତ କାଳୁ ମହାରଣା, ଶିବାଜୀ ସ୍ୱାଇଁ, ଗୋବିନ୍ଦ ମହାରଣା, ଶରତ ଭୂୟାଁ ପ୍ରମୁଖ ଠାକୁର ନୃସିଂହନାଥଙ୍କ ବିମାନ ଖଟୁଲୀରେ ବିଜେ କରାଇଥିଲେ। ମୁଖ୍ୟ ପୂଜକଙ୍କ ଦ୍ୱାରା ଭୋଗ ବନ୍ଦାପନା ସରିବା ପରେ ଠାକୁର ଗ୍ରାମ ପରିକ୍ରମା ଉତ୍ସବରେ ବାହାରିଥିଲେ। ଏହି ଅବସରରେ ସିରିପେଟା ଗ୍ରାମର ସଙ୍କୀର୍ତ୍ତନ ଦଳ ଖୋଳ, ତାଳ ଓ ଶଙ୍ଖ ବଜାଇ ଠାକୁରଙ୍କ ପରିକ୍ରମାରେ ସହଯୋଗ କରିଥିଲେ।

# ଦୁଇ ସକ୍ରିୟ ସ୍ଥାୟୀ ୱାରେଣ୍ଟି ମାଓବାଦୀ ଗିରଫ



**ମାଲକାନଗିରି,୨୩।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା ପୁଲିସ ଦ୍ୱାରା ସକ୍ରିୟ ଦୁଇ ୱାରେଣ୍ଟି ମାଓବାଦୀଙ୍କୁ ଗିରଫ କରାଯାଇଛି। ତଥ୍ୟ ଅନୁଯାୟୀ, ସୁକୁମା ଜିଲ୍ଲା ଜଗରଗୁଣ୍ଡା ଥାନା ଅଞ୍ଚଳରେ ଡିଆରଜି, ସିଆରପିଏଫ୍ ଏବଂ ଜିଲ୍ଲା ପୁଲିସ ମିଳିତ ଭାବେ ତାରଲାଗୁଡ଼ା, କେରମେଟା ଗ୍ରାମ ନିକଟରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ ତାରଲାଗୁଡ଼ା ଜଙ୍ଗଲ ନିକଟରେ ମାଓସଂଗଠନର ସକ୍ରୀୟ ବେନପଲ୍ଲୀ ଆରପିସି ମିଲିସିଆ ସଦସ୍ୟ କୁଞ୍ଜାମ ଜିତୁ ଓରଫ ବୁଦରୁଙ୍କୁ ଗିରଫ କରିଥିଲେ। ଉକ୍ତ ମାଓବାଦୀ ଜଣକ ୨୦୧୭ରେ ପୁଲିସ ଉପରେ ଗୁଳିଚାଳନା ସହ ଅନ୍ୟାନ୍ୟ ବିଭିନ୍ନ ଘଟଣାରେ ସାମିଲ ଥିବା ପୁଲିସ ସୂତ୍ରରୁ ପ୍ରକାଶ। ସେହିପରି ଜଗରଗୁଣ୍ଡା ଅଞ୍ଚଳ ସିଲଗେର କ୍ୟାମ୍ପ ୨୨୯ ବାହିନୀ ସିଆରପିଏଫ୍ ସର୍ଚ୍ଚ ଅପରେସନ ସମୟରେ ବେଦରେ ଗ୍ରାମ ପାଖରୁ ତେଲାମ ପାକଲୁ ନାମକ ଜଣେ ମାଓବାଦୀକୁ ଗିରଫ କରିଥିଲେ। ଏହି ମାଓବାଦୀ ମଧ୍ୟ ବିଭିନ୍ନ ଘଟଣାରେ ସାମିଲ ଥିବା ପୁଲିସ ରେକର୍ଡରେ ଅନ୍ତର୍ଭୁକ୍ତ ଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ତେବେ ଏହି ଦୁଇଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ସୁକୁମା ପୁଲିସ ସୂଚନା ଦେଇଛି।

# ଆଯୋଧା ଅଭିମୁଖେ ବାଇକ୍ ଯୋଗେ ୪ ରାମଭକ୍ତ



**ମାଲକାନଗିରି,୨୩।୫(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଚାରିଜଣ ରାମ ଭକ୍ତ ଗୁରୁବାର ବାଇକ୍ ଯୋଗେ ଅଯୋଧ୍ୟାରେ ନୂତନ ଭାବେ ପ୍ରତିଷ୍ଠିତ ରାମ ମନ୍ଦିର ଦର୍ଶନ କରିବା ପାଇଁ ବାହାରିଛନ୍ତି। ଅଯୋଧ୍ୟା ସ୍ଥିତ ରାମଲଲ୍ଲାଙ୍କ ଭବ୍ୟ ମନ୍ଦିର ଏସିଆ ମହାଦେଶର ସର୍ବ ବୃହତ୍ ମନ୍ଦିର। ଦୀର୍ଘ ୭୦ ବର୍ଷର ଚେଷ୍ଟା ପରେ ରାମଲଲ୍ଲାଙ୍କ ଭବ୍ୟ ମନ୍ଦିର ସଫଳତାର ସହ ପ୍ରତିଷ୍ଠା ହୋଇଥିଲା। ଏହି ରାମଲଲ୍ଲାଙ୍କ ଭବ୍ୟ ମନ୍ଦିରକୁ ଦର୍ଶନ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସୁଅ ଛୁଟୁଥିବାବେଳେ ଗୁରୁବାର ମାଲକାନଗିରି ଜିଲ୍ଲା ବାଲିମେଲା ସହରରୁ ଉମାକାନ୍ତ ଦାସ, ଶ୍ରୀନିବାସ ପଣ୍ଡା, ଜବଗନ୍ଧୁ ପାତ୍ର, ପ୍ରଦୀପ୍ତ କୁମାର ଦାସ ଅଯୋଧ୍ୟା ଅଭିମୁଖେ ବାଇକ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ବାଲିମେଲାଠାରୁ ଦୀର୍ଘ ୧୩୦୦ କିଲୋମିଟର ଦୂରତା ଯାତ୍ରା କରିବାକୁ ବାହାରିଥିବାବେଳେ ଏହି ଚାରିଜଣଙ୍କୁ ବାଲିମେଲା ସହରବାସୀ ଫୁଲତୋଡ଼ା ଦେଇ ଯାତ୍ରା ସଫଳ କାମନା କରିଥିଲେ।

## ■ ୨୪ ଓ ୨୭ରେ ରାଜ୍ୟ ରାଣୀ ଏକ୍ସପ୍ରେସ ଏବଂ ପୁରୀ-ଗୁଣୁପୁର ଟ୍ରେନ୍ ଚଳାଚଳ ବନ୍ଦ

# ସ୍ୱାଭାବିକ ଭାବେ ଚାଲିବ ମେମୁ ଟ୍ରେନ୍




**ଗୁଣୁପୁର,୨୩।୫(ସମିସ):** ନୌପଡ଼ା-ପାରଳାଖେମୁଣ୍ଡି ରେଳପଥ ମରାମତି କାର୍ଯ୍ୟ ଯୋଗୁଁ ଆସନ୍ତା ୨୪ ଓ ୨୭ ତାରିଖ ଦୁଇ ଦିନ ପାଇଁ ବିଶାଖାପାଟଣା ରାଜ୍ୟ ରାଣୀ ଏକ୍ସପ୍ରେସ ଏବଂ ପୁରୀ-ଗୁଣୁପୁର ଟ୍ରେନ୍ ବାତିଲ କରାଯାଇଛି। ପ୍ରାପ୍ତ ଖବର ମୁତାବକ, ଆସନ୍ତା ୨୪ ଓ ୨୭ ତାରିଖ ଦିନ ବିଶାଖାପାଟଣା-ଗୁଣୁପୁର ଟ୍ରେନ୍ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବାବେଳେ ରାଜ୍ୟରାଣୀ ଏକ୍ସପ୍ରେସ ରାଉରକେଲା- ଗୁଣୁପୁର ଏବଂ ପୁରୀ-ଗୁଣୁପୁର ଟ୍ରେନ୍ ପଲାସା ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଫଳରେ ୨୮ ତାରିଖରେ ଗୁଣୁପୁର-ପୁରୀ ଟ୍ରେନ୍ ବନ୍ଦ ରହିବ। କିନ୍ତୁ ଭୁବନେଶ୍ୱର-ଗୁଣୁପୁର ମେମୁ ଟ୍ରେନ୍ ପୂର୍ବ ଭଳି ନିୟମିତ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି।

# ମାଲେସିଆ ଓପନ୍ କରାଟେ ଚାମ୍ପିଅନ୍‌ସିପ୍‌ରେ ଦିବ୍ୟାଙ୍ଗ ରମେଶଙ୍କୁ ସ୍ୱର୍ଣ୍ଣ

## ସଫଳତା ନେଇ ଫେରିଥିବାରୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ



**ରାୟଗଡ଼ା,୨୩।୫(ସମିସ):** ମାଲେସିଆର ପେରକଠାରେ ଗତ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ୨୦ତମ ଇଣ୍ଟରନ୍ୟାସନାଲ ଓକିନାଭା ଗୋଜୁ-ରିୟୁ ଇପିହୋ ସିଟି ଓପନ୍ କାରାଟେ ଚାମ୍ପିଅନସିପ୍-୨୦୨୪ରେ ଭାଗ ନେଇ ସଫଳତା ପାଇଥିବା ରାୟଗଡ଼ାର ଦିବ୍ୟାଙ୍ଗ ଖେଳାଳି ଲିଙ୍ଗାଲା ରମେଶ କୁମାରଙ୍କୁ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ୍ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ ମହାଜନ୍ ଦିବ୍ୟାଙ୍ଗ ରମେଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାୟଗଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଓଡ଼ିଶା ବିକଳାଙ୍ଗ ମଞ୍ଚ(ଓବିଏମ୍) ରାୟଗଡ଼ା ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ଜଳନ୍ଧର ବାଚେଲି, ସଭ୍ୟ ଜେ.ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚାମ୍ପିଅନସିପରେ ଭାରତର ୪ଜଣ ଖେଳାଳି ମନୋନୀତ ହୋଇଥିବାବେଳେ ଓଡ଼ିଶାର ରାୟଗଡ଼ାରୁ ରମେଶ କୁମାର ଅଂଶଗ୍ରହଣ କରିଥିଲେ। ସେ ୫୫ ବର୍ଗରେ ମାଲେସିଆ, ଜାପାନ, ଇଣ୍ଡୋନେସିଆ, ସିଙ୍ଗାପୁର ଭଳି ଦେଶର ଖେଳାଳିଙ୍କ ସହ ମୁକାବିଲା କରି ସ୍ୱର୍ଣ୍ଣ ପଦକ (ଗୋଲ୍ଡ ମେଡାଲ) ଅଧିକାର କରିଥିଲେ। ରମେଶ ରାୟଗଡ଼ାରୁ ଗତ ୫ ତାରିଖରେ ମାଲେସିଆ ଅଭିମୁଖେ ଯାଇ ୮ ତାରିଖରେ ପହଞ୍ଚିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ରମେଶଙ୍କୁ ଶୁଭେଚ୍ଛା ଜଣାଯାଇଥିବା ବେଳେ ଚଳିତ ବର୍ଷ ଫେବୃଆରୀ ମାସରେ ହାଇଦରାବାଦଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇ ଗୋଲ୍ଡ ମେଡାଲ ପାଇ ରାୟଗଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଥିଲେ। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ରମେଶଙ୍କୁ ପ୍ରୋତ୍ସାହିତ କରାଯିବାକୁ ଶ୍ରୀ ବାଚେଲି ଅନୁରୋଧ କରିଛନ୍ତି।

# କାଳବୈଶାଖୀ ଯୋଗୁଁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଅନେକ ଗାଁ ଅନ୍ଧାର



**ମାଥିଲି,୨୩।୫(ସମିସ):** ବୁଧବାର ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବଲୀଳା ପରେ ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷୟକ୍ଷତି ହୋଇ ଅନେକ ଗାଁ ଏବେ ବି ଅନ୍ଧାରରେ ରହିଛି। ବ୍ଲକର ମେଟ୍ଟା ପଞ୍ଚାୟତ, ଚାଉଳମେନ୍ଦୀ ଓ ସଦର ପଞ୍ଚାୟତର ସଦର ଗ୍ରାମର ମେଡିକାଲ ନିକଟ ଡିଏନକେ ଛକ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛ ପଡ଼ିବାରୁ ଲୁହା ଖୁଣ୍ଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବା କାରଣରୁ ବିଦ୍ୟୁତ୍ କର୍ମଚାରୀମାନେ ବୁଧବାର ରାତି ତମାମ ଉଦ୍ୟମ ପରେ ବିଫଳ ହେବା ପରେ ମେଡିକାଲ ନିକଟରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ମାର୍କେଟକୁ ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ଗୁରୁବାର ସକାଳୁ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ମହାରଣା ଅଗ୍ନିଶମ କର୍ମଚାରୀମାନଙ୍କୁ ସୂଚନା ଦେବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଭଙ୍ଗା ଗଛକୁ କାଟି ସଫା କରିବା ପରେ ବିଦ୍ୟୁତ୍ କର୍ମଚାରୀମାନେ ନୂତନ ଖୁଣ୍ଟ ପୋତି ବିଦ୍ୟୁତ୍ ସଂଯୋଗ କରିଥିଲେ। ସେହିପରି ମେଟ୍ଟା ପଞ୍ଚାୟତ ମେଟ୍ଟା ଅନ୍ତର୍ଗତ ଡୁର୍କାଗୁଡ଼ା ଗାଁରେ ବୁଧବାର କାଳବୈଶାଖୀ ବର୍ଷା ପବନ ଯୋଗୁଁ ମେଟ୍ଟାଠାରୁ ଭେଜାଗୁଡ଼ା ମୁଖ୍ୟ ରାସ୍ତା ମଝିରେ ବଡ଼ କୁସୁମ ଗଛ ପଡ଼ି ଯାତାୟାତ ପାଇଁ ଗାଡ଼ିମୋଟର ବନ୍ଦ ଥିବାବେଳେ ମେଟ୍ଟା ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ସମେତ ପୂର୍ବତନ ବ୍ଲକ୍ ବିଜେଡି ସଭାପତି ସଦାଶିବ ପୂଜାରୀ ଡୁର୍କାଗୁଡ଼ା ଗ୍ରାମରେ ପହଞ୍ଚି ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ଅବଗତ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। କିନ୍ତୁ ଚାଉଳମେନ୍ଦୀ ପଞ୍ଚାୟତରେ ଅନେକ ଗାଁ ବୁଧବାରଠାରୁ ଅନ୍ଧାରରେ ଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ କାର୍ଯ୍ୟ ଜାରି ରଖିଛନ୍ତି। ଆଶା କରାଯାଉଛି ଯେ ଗୁରୁବାର ରାତି ମଧ୍ୟରେ ଚାଉଳମେନ୍ଦୀ ଗାଁଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ।

